ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.285, Bhubaneswar Saturday, December 28, 2019 | ୨୨ତମ ବର୍ଷ ସଂଖ୍ୟା-୨୮୫ ଭୁବନେଶ୍ୱର , ଶନିବାର, ଡିସେମ୍ବର ୨୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

କନ୍ଧମାଳ, ୨୭ ।୧ ୨(ପି.ଏନ):ଆୟ ବର୍ହିଭୁତ ସଂପତି ଠୁଳ ଅଭିଯୋଗରେ ଆଜି ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ବିଭାଗ ପକ୍ଷରୁ ବାଲିଗୁଡା ଫରେଷ୍ଟ ଡିଭିଜନ ଅର୍ନ୍ତଗତ ବ୍ରାହ୍ମଣୀଗାଁରେ ଫରେଷ୍ଟର ଥିବା କୈଳାସ ଚନ୍ଦ୍ର ସାହୁଙ୍କ ବାଲିଗୁଡାର ପଣସପୋଡି, ଗୁଳିମରା, ନୂଆସାହୀ, ବିଦ୍ୟୁତ କଲୋନୀ, ସାରଙ୍ଗଡରେ ଥିବା ଘର ସମେତ ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, କଳାହାଣ୍ଡି ଆଦି ୭/୮ ଟି ସ୍ଥାନରେ ଚଢ଼ଉ ହୋଇଛି । ଭିଜିଲାନ୍ସ ବିଭାଗ ଫରେଷ୍ଟର ସାହୁଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସଂପତି ଠାବ କରିଥିବା ଜଣାପଡିଛି । ଶ୍ରୀ ସାହୁ ପୂର୍ବରୁ ତୁମୁଡିବନ୍ଧ ଓ କ.ନୂଆଗାଁ ଫରେଷ୍ଟ ରେଂଜ ଦାୟୀତ୍ୱରେ ଥିବା ସମୟରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ଫୁଲବାଣୀ ଭିଜିଲାନ୍ସ ଡିଏସପି ରବୀନ୍ଦ୍ର ସୁନାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଡିଏସପି ରବୀନ୍ଦ୍ର ସୁନା କହିଛନ୍ତି । ଶ୍ରୀ ସାହୁ ବାଲିଗୁଡାରେ ହିଁ ୪/୫ଟି ସ୍ଥାନରେ ବହୁ ମୂଲ୍ୟ ଅଟ୍ଟାଳିକା ନିର୍ମାଣ କରିଥିବା ଭିଜିଲାନ୍ସ ହାତରେ ଲାଗିଛି । ସେହିପରି ଆଉକିଛି ଦୁର୍ନିତୀଗ୍ରସ୍ତ ଜଙ୍ଗଲ ବିଭାଗ କର୍ମଚାରୀ ଅଫିସରଙ୍କ ଉପରେ ମଧ ଭିଜିଲାନ୍ସ ସତର୍କ ନଜର ରଖିଛି । ଆଗାମୀ ଦିନରେ ଆଉ କେତେକ ଫୁଲବାଣୀ/ ବାଲିଗୁଡା ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଘରେ ଚଢ଼ଉ କରାଯିବ ବୋଲି କୁହାଯାଉଛି ।

## ଯୋଗାଣ ନିଗମ କଲ ସେଂଟରକୁ ଅଧିକ କ୍ରିୟାଶୀଳ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭ ।୧ ୨(ପି.ଏନ): ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରେ ଖୋଲା ଯାଇଥିବା କଲ୍‌ସେଂଟର ସେଲ୍‌କୁ ଅଧିକ କ୍ରିୟାଶୀଳ ଓ ଦକ୍ଷ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୯୬୭ ଯେପରି ନିରନ୍ତର ଟେଲିଫୋନ୍ କଲ୍ ଗ୍ରହଣ କରିପାରିବ ସେଥି ନିମନ୍ତେ ବୈଷୟିକ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟର ଅଚାନକ ଗସ୍ତ କରି କଲ୍ ସେଣ୍ଟରର କାର୍ଯ୍ୟକାରିତା ସଂପର୍କରେ ଅନୁଧ୍ୟାନ କରିବା ଅବସରରେ ଚାଷୀମାନଙ୍କ ସହିତ ସର୍ବଦା ସଂପର୍କ ସ୍ଥାପନ ଦିଗରେ ଏହାକୁ ଅଧିକ ସୁଦୃଢ଼ ଓ ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ଧାନସଂଗ୍ରହ କେନ୍ଦ୍ରରେ ଚାଷୀମାନେ ଧାନ ବିକ୍ରିଲବ୍ଧ ଅର୍ଥ ଯେପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସେମାନଙ୍କର ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ପାଇପାରିବେ ସେଥି ନିମନ୍ତେ ନିୟମିତ ସମୀକ୍ଷା କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟ ଅଚାନକ ଗସ୍ତ କରିଥିଲେ । ବିଳମ୍ବରେ କାର୍ଯ୍ୟାଳୟକୁ ଆସିଥିବା କର୍ମଚାରୀଙ୍କୁ କୈଫିୟତ ତଲବ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟାଳୟ ପରିସରକୁ ସର୍ବଦା ସ୍ୱଚ୍ଛ ରଖିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ଓ କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟ ଆସିବେ ସେଥି ନିମନ୍ତେ ନିର୍ଦ୍ଦେଶ ଦେବା ସହିତ ନିର୍ଦ୍ଦେଶାଳୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରିବା ପାଇଁ କହିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିବା ଅବସରରେ କର୍ମଚାରୀମାନେ ଯେପରି ଠିକ୍ ସମୟରେ ପଦୋନ୍ନତି ପାଇପାରିବେ ସେଥି ନିମନ୍ତେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୭ ।୧ ୨(ପି.ଏନ):ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ଶ୍ରମ କମିଶନର ନିରଂଜନ ସାହୁଙ୍କୁ ସମ୍ବଲପୁର ଠାରେ ଉତରାଂଚଳ କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ତାଙ୍କ ସ୍ଥାନରେ ଡ. ନୁନସାବତ୍ ଥିରୁମାଲା ନାଏକଙ୍କୁ ନିଯୁକ୍ତି ଦିଆଯାଇଛି । ଡ. ନାଏକ ବର୍ତମାନ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଅଛନ୍ତି । ନିରଂଜନ ସାହୁ ନୂତନ କାର୍ଯ୍ୟର ଯୋଗ ଦେବା ପର୍ଯ୍ୟନ୍ତ ଶ୍ରୀ ତେମଜେନଓ୍ୱାପଙ୍ଗ୍ ଅତିରିକ୍ତ ଦାୟିତ୍ୱରେ ରହିବେ । ସେହିପରି କଟକ ସ୍ଥିତ ରେଜିଷ୍ଟ୍ରସନ୍ ଆଇଜି ପ୍ରଶାନ୍ତ କୁମାର ସେନାପତି ଙ୍କୁ ଓବିସି, ଏସଟି ଓ ଏସସି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ସୁଶାନ୍ତ ମହାପାତ୍ରଙ୍କୁ ମହାଳ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗରେ ଥିବା ଭି.ଜୟ କୁମାରଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ମୟୁରଭଂଜର ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଆବୋଲି ସୁନୀଲ ନରଓ୍ୱାନେ ଙ୍କୁ ରାଉରକେଲା ଏଡିଏମ୍ ଭାବେ ବଦଳି କରାଯାଇଛି । ଏହାସହିତ ସେ ରାଉରକେଲା ଉନ୍ନୟନ କର୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ।



ବଲାଙ୍ଗିର ରାଜେନ୍ଦ୍ର କଲେଜର ପ୍ଲାଟିନମ ଜୁବୁଲି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶିଲାଲଙ୍କ ସମେତ ଅନ୍ୟମାନେ

## ମାର୍ଚ୍ଚ ୩ରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୭ ।୧ ୨(ପି.ଏନ): ଆସନ୍ତା ମାର୍ଚ୍ଚ ୩ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ ବୋଲି ରାଜ୍ୟ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।ରାଜ୍ୟ ଉଚ୍ଚ ମାଧମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସୂଚନା ଦେଇ କହିଛନ୍ତି ଯେ ମାର୍ଚ୍ଚ ୩ରୁ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଆରମ୍ଭ ହେବ । ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷା ମାର୍ଚ୍ଚ ୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଯୁକ୍ତ ଦୁଇ କଳା ପରୀକ୍ଷା ମାର୍ଚ୍ଚ ୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ଯାଏ ଚାଲିବ । ଜାନୁଆରୀ ୨୭ରୁ ଫେବୃଆରୀ ୫ ତାରିଖ ଯାଏ ପ୍ରାକ୍ଟିକାଲ ପରୀକ୍ଷା ହେବ । ଅନ୍ୟପକ୍ଷରେ ଧନ୍ଦାମୂଳକ ପରୀକ୍ଷା ମାର୍ଚ୍ଚ ୧୬ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷାକୁ ସୁରୁଖୁରୁରେ ନିର୍ବାହ କରିବା ପାଇଁ ସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ । ଏଥର ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଏବର୍ଷ ମୋଟ ୩ ଲକ୍ଷ ୪୯ ହଜାର ୧୫୪ ପିଲା ପରୀକ୍ଷା ଦେବେ ବୋଲି ରାଜ୍ୟ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

## ହିଂସାରୁ ନଜର ହଟାଇବା ପାଇଁ କଂଗ୍ରେସ ପ୍ରୟାସ କରୁଛି: ବିଜେଡ଼ି

ଭୁବନେଶ୍ୱର, ୨୭ ।୧ ୨(ପି.ଏନ): କଂଗ୍ରେସର ପୂର୍ବତନ ସାଂସଦ ପ୍ରଦୀପ ମାଝି ନବରଙ୍ଗପୁର ବନ୍ଦ ସମୟରେ ଯେଭଳି ହିଂସାର ଆଶ୍ରୟ ନେଲେ ସେଥିରୁ ଗଣମାଧ୍ୟମର ନଜର ହଟାଇବା ଲାଗି କଂଗ୍ରେସ ପ୍ରୟାସ କରୁଛି । କଂଗ୍ରେସ ଦଳ ଗାନ୍ଧୀ ନୀତିରେ ବିଶ୍ୱାସ କରୁଥିବା କହୁଥିବା ବେଳେ ବନ୍ଦ ସମୟରେ କିଭଳି ଦଳୀୟ ନେତାଙ୍କ ନିର୍ଦ୍ଦେଶରେ ହାତରେ ପେଟ୍ରୋଲ ଡିଜେଲ ଧରି ବୁଲୁଛି ତାହା ଅନୁଶୀଳନ କରିବା ଆବଶ୍ୟକ ବୋଲି ବିଜେଡ଼ି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି । କଂଗ୍ରେସ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ, ବିଜେଡ଼ି ସରକାରର ସଫଳତାକୁ କଂଗ୍ରେସ ନେତାମାନେ ହଜମ କରିପାରୁନଥିବା ଅନୁଭୂତ ହେଉଛି । ତେବେ କଂଗ୍ରେସ ନେତାମାନେ ୟୁପିଏ ସରକାରର ମନ୍ତ୍ରୀମାନଙ୍କୁ ଏ ସଂକ୍ରାନ୍ତରେ ପଚାରିବା ଆବଶ୍ୟକ । ବିଜେଡ଼ି ସରକାରର ର୍ୟାଙ୍କିଂ ଅପେକ୍ଷା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ଉପରେ ଓଡ଼ିଶାବାସୀ ବିଶ୍ୱାସ କରନ୍ତି । ସେହି ଅନୁଯାୟୀ ଲୋକେ ନିର୍ବାଚନରେ କଂଗ୍ରେସକୁ ତାହାର ସ୍ଥାନରେ ଥୋଇ ଦେଇଛନ୍ତି ଯାହା ଫଳରେ ଏହି ଜାତୀୟ ଦଳ ଏବେ ହତାଶ ହୋଇ ଅପ୍ରସଙ୍ଗ ଗୁଡ଼ିକୁ ଜାବୁଡ଼ି ଧରିବାରେ ଲାଗିଥିବା ଡକ୍ଟର ପାତ୍ର କହିଛନ୍ତି ।

## ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର, ୨୭ ।୧ ୨(ପି.ଏନ): ସିଆଇଟିୟୁ ନେତୃତ୍ୱରେ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମଧ୍ୟାହ୍ନ ଭୋଜନ ସଂସ୍ଥାର ଘରୋଇକରଣ ବନ୍ଦ, ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି , ସମାନ କାମକୁ ସମାନ ମଜୁରୀ, ସମାନ କାମକୁ ସମାନ ମଜୁରୀ, ମାସିକ ୨୦ ହଜାର ଟଙ୍କାର ବେତନ ସହ ଅନ୍ୟାନ୍ୟ ଭତା ପ୍ରଦାନ ଦାବିରେ ମଧ୍ୟାହ୍ନ ଭୋଜନ ପାଚିକାମାନେ ଭୁବନେଶ୍ୱର ଲୋୟର ପିଏମଜି ଠାରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହା ପୂର୍ବରୁ ରାଜ୍ୟ ସଭାପତି ବିଷ୍ଣୁ ମହାନ୍ତି , କାର୍ଯ୍ୟକାରୀ ସଭାପତି ରାଧାରମଣ ଷଡଙ୍ଗୀ ଓ ସାଧାରଣ ସମ୍ପାଦିକା ଇଷାନୀ ଷଡଙ୍ଗୀଙ୍କ ନେତୃତ୍ୱରେ ଭୁବନେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରିଥିଲା । ଦାବି ଗୁଡିକ ତୁରନ୍ତ ପୂରଣ ,ନହେଲେ ଆଗାମୀ ଦିନରେ ଲଗାତାର ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## କାଗଜ କଲମରେ ଚାଲିଛି ବନ୍ତ ବ୍ଲକ୍ ସ୍ୱାସ୍ଥ୍ୟସେବା : ଡାକ୍ତର ଅଭାବ ମୁଖ୍ୟ ସମସ୍ୟା

ଭଦ୍ରକ, ୨୭ ।୧ ୨(ପି.ଏନ): ସରକାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏହାକୁ ୫ଟିରେ ଅନ୍ତର୍ଭୁକ୍ତ କରିଥିଲେ । କିନ୍ତୁ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ ଏହାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବନ୍ତ ବ୍ଲକ୍ ଆଗରପଡାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାବେଳେ ଏହା ଅଧୀନରେ କାଦବରାଙ୍ଗ, ଅଡାଳପଙ୍କ, କେନ୍ଦୁଆପଦା ଓ ବନ୍ତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ମାନ ରହିଛି । ପ୍ରାୟ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ମୁଖ୍ୟ ସମସ୍ୟା ପାଲଟିଛି । ଯଦ୍ୱାରା ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି । ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ରୋଗ, ଶିଶୁ, ଅସ୍ତ୍ରୋପଚାର, ମେଡିସିନ୍ ପରି ସବୁ ବିଶେଷଜ୍ଞ ପଦବୀ ଗୁଡିକ ଖାଲି ପଡିଛି । ଏଥିସହିତ ଅନ୍ୟାନ୍ୟ ପଦବୀର ଅବସ୍ଥା ତଦ୍ରୂପ । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପକ୍କାଗୃହ ଉର୍ଦ୍ଧ ହୋଇଥିବାବେଳେ ମାତ୍ର ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ମିଳିପାରୁନାହିଁ । ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ବନ୍ତ ବ୍ଲକ୍‌ର ସଦର ମହକୁମାରେ ଅବସ୍ଥିତ ଥିଲେ ସୁଦ୍ଧା ଭଙ୍ଗା ଆଜବେଷ୍ଟସ୍ ଘରେ ରୋଗୀ ସେବା ଚାଲିଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପ୍ରତିଷ୍ଠା ହେବାର ୬୬ ବର୍ଷ ପରେ ମଧ ସଫଳ ରୋଗୀ ସେବା ଯୋଗାଇବାର ବିଫଳ ହୋଇଛି । ନିଯୁକ୍ତି ପାଇଥିବା ଡାକ୍ତର ଜଣକ ସପ୍ତାହରେ ୩ ଦିନ ତାହା ପୁଣି ସକାଳ ୭ ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ବେଳେ ଅନ୍ୟ ସମୟରେ ନିଯୁକ୍ତି ପାଇଥିବା ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି । ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ୨ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୨ ଜଣ ଷ୍ଟାଫନର୍ସ ଓ ୨ ଜଣ ସହକାରୀ ଏଏନ୍‌ଏମ୍, ୨ ଜଣ ଆଟେଣ୍ଡାଣ୍ଟ ଓ ଜଣେ ଚୁକ୍ତିଭିତ୍ତିକ ଟେକ୍ନିସିଆନ୍ ଏଠାରେ ରୋଗୀ ସେବା କରୁଛନ୍ତି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ୨ ମହଲା ବିଶିଷ୍ଟ ୩ଟି ବିଲ୍‌ଡିଂ, ୬ଟି ଷ୍ଟାଫ୍ କ୍ୱାର୍ଟସ୍ ନିର୍ମାଣ କାର୍ଯ୍ୟ ପ୍ରାୟ ୭ ବର୍ଷ ହେଲା ଚାଲିଥିଲେ ସୁଦ୍ଧା ଅଦ୍ୟାବଧି ସରିପାରିନାହିଁ । ଅନୁରୂପ ଭାବେ କାଦବରାଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି । ଏଏନ୍‌ଏମ୍, ଝାଡୁଦାର, ଅଟେଣ୍ଡାଣ୍ଟ ପଦବୀ ଖାଲି ପଡିଛି । ଅଡାଳପଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ଡେପୁଟେସନରେ ରହିଛନ୍ତି । କେନ୍ଦୁଆପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ରହିଛନ୍ତି । ଏନଆରଏଚ୍‌ଏମ୍ ପକ୍ଷରୁ ମଂଜୁରୀ ଅର୍ଥରେ ନୂଆ ବିଲ୍‌ଡିଂ ମାନ ନିର୍ମାଣ ହୋଇଥିଲେ ସୁଦ୍ଧା ଏହା ବ୍ୟବହାର ହୋଇପାରିନଥିବାରୁ ଭୂତକୋଠୀ ପାଲଟିଲାଣି ।

## ବଲାଙ୍ଗିରଠାରେ ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ

ବଲାଙ୍ଗିର, ୨୭ ଡିସେମ୍ବର ୨୦୧୯: ଆଜି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବଲାଙ୍ଗିରଠାରେ ବିପିସିଏଲ୍ ବଟଲିଂ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ, ଡଃ ଅରୁଣ କୁମାର ସାହୁ, କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ, ଓଡିଶା ସରକାର, ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ, ସାଂସଦ, ବଲାଙ୍ଗିର, ଶ୍ରୀ ନରସିଂହ ମିଶ୍ର, ବିଧାୟକ, ବଲାଙ୍ଗିର ଏବଂ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ବିପିସିଏଲ୍‌ର ଅଧିକାରୀଗଣ ଉପସ୍ଥିତ ଥିଲେ । ପୂର୍ବରୁ ଏହି ବିପିସିଏଲ ବଟଲିଂ ପ୍ଲାଣ୍ଟିଟି ଭାରତର ମାନନୀୟ ଉପରାଷ୍ଟ୍ରପତି ଶ୍ରୀ ଏମ. ଭେଙ୍କୟା ନାଇଡୁଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହେବାର କାର୍ଯ୍ୟକ୍ରମ ରହିଥିଲା ଏବଂ ମାନନୀୟ ଉପରାଷ୍ଟ୍ରପତି ରାୟପୁର ପର୍ଯ୍ୟ' ମଧ ଆସିଯାଇଥିଲେ । ମାତ୍ର ଆଜି ପାଗ ଖରାପ ରହିଥିବାରୁ ଶ୍ରୀ ନାଇଡୁ ହେଲିକପ୍ଟର ଯୋଗେଁ ବଲାଙ୍ଗିରଠାରେ ପହଞ୍ଚିପାରିନଥିଲେ । ତାଙ୍କ ଦ୍ୱାରା ପ୍ରେରିତ ଅଡିଓ ବାର୍ତ୍ତାରେ ମାନନୀୟ ଉପରାଷ୍ଟ୍ରପତି ଏହି ପ୍ଲାଣ୍ଟର ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟର ୩ ମାସ ପୂର୍ବରୁ ରେକର୍ଡ଼ ୧୯ ମାସ ମଧ୍ୟରେ ସମାପ୍ତ କରିପାରିଥିବାରୁ ଭାରତ ପେଟ୍ରୋଲିୟମକୁ ଶୁଭେଚ୍ଛା ଜଣାଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇପାରିଥିବାରୁ, ଆଜିଠାରୁ ଏହି ଅଞ୍ଚଳବାସୀ ନିର'ର ସିଲିଣ୍ଡର ପାଇପାରିବେ । ୨୦୧୮ ମସିହା ମେ ୨୧ ତାରିଖରେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ, ଶ୍ରୀ ଥାୱରଚାନ୍ଦ ଗେହଲଟ୍, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ, ଭାରତ ସରକାର ଏବଂ ଶ୍ରୀ କେଭି ସିଂହଦେଓ, ବିଧାୟକ, ପାଟଣାଗଡଙ୍କ ଉପସ୍ଥିତିରେ ଏହି ବଟଲିଂ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ମୋଟ ୧୦୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ଲାଣ୍ଟ ରେକର୍ଡ଼ ୧୯ ମାସରେ ସମ୍ପୂର୍ଣ୍ଣ ହୋଇଛି । ଉପସ୍ଥିତ ଅତିଥି ଓ ଜନସାଧାରଣମାନଙ୍କୁ ସମ୍ବୋଧିତ କରି, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଗତ ୧୯ ମାସ ପୂର୍ବେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ଏବଂ ବର୍ତ୍ତମାନ ଏହି ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟର ବହୁ ପୂର୍ବରୁ ରେକର୍ଡ଼ ମାସରେ ସମ୍ପୂର୍ଣ୍ଣ ହୋଇଛି । ସେ ଆହୁରି ମଧ କହିଥିଲେ ଯେ, ୨୦୧୪ ସୁଦ୍ଧା ଦେଶରେ ମାତ୍ର ୧୩.୨୦ କୋଟି ଏଲପିଜି ଉପଭୋକ୍ତା ଥିଲେ ଏବଂ ଆଜି ଏହା ୨୭ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିପାରିଛି ଏବଂ ଓଡ଼ିଶାରେ ଏହା ୮୦ ଲକ୍ଷରୁ ଉର୍ଦ୍ଧ୍ୱରେ ପହଞ୍ଚିଛି । ଏହି ନୂତନ ପ୍ଲାଣ୍ଟ ଦ୍ୱାରା ପଶ୍ଚିମ ଓଡ଼ିଶାର ୧୪ ଟି ଜିଲାର ଲୋକେ ଉପକୃତ ହେବେ ଏବଂ କେବଳ ଏ ଅଞ୍ଚଳରେ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଟ୍ରକ୍ ସିଲିଣ୍ଡର ନେବା ଆଣିବା କାର୍ଯ୍ୟରେ ଲିପ୍ତ ରହିବେ ଯଦ୍ୱାରା ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ୫୦୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି କରିବ, ଯାହାକି ଏ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ । ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧିନସ୍ଥ ମହାରତ୍ନ୍ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତ ପେଟ୍ରୋଲିୟମ କର୍ପୋରେସନ




ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଓଡ଼ିଶାର ବଲାଙ୍ଗିର ଜିଲା ବରକାନିଠାରେ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ନିର୍ମାଣ କରାଯାଇଛି । ଖୋର୍ଦ୍ଧାଠାରେ ବିପିସିଏଲ୍‌ର ଅନ୍ୟ ଏକ ବଟଲିଂ ପ୍ଲାଣ୍ଟ ରହିଛି । ବଲାଙ୍ଗିରରେ ନିର୍ମାଣ ହୋଇଥିବା ବିପିସିଏଲ୍‌ର ଏହି ନୂତନ ବଟଲିଂ ପ୍ଲାଣ୍ଟ ରାଜ୍ୟରେ ହେବ ଦ୍ୱିତୀୟ ପ୍ଲାଣ୍ଟ । ବାଲେଶ୍ୱର, ଝାରସୁଗୁଡ଼ା, ଖୋର୍ଦ୍ଧା ଏବଂ ଜଟଣୀଠାରେ ତୈଳ ବିପଣନ କମ୍ପାନୀଗୁଡ଼ିକର ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ରହିଛି । ୨୦୧୪ ରେ ବଟଲିଂ କ୍ଷମତା ୧.୪୮ କୋଟି ସିଲିଣ୍ଡର ଥିବା ବେଳେ, ୨୦୧୯ରେ ବର୍ତ୍ତମାନ ଏହା ୨.୯୬ କୋଟି ସିଲିଣ୍ଡର ରହିଛି । ବଲାଙ୍ଗିରଠାରେ ପ୍ରସ୍ତାବିତ ବଟଲିଂ ପ୍ଲାଣ୍ଟ ବ୍ୟତୀତ ତୈଳ ବିପଣନ କମ୍ପାନୀଗୁଡ଼ିକ ଖୋର୍ଦ୍ଧା ଓ ରାୟଗଡ଼ାଠାରେ ନୂତନ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଯୋଜନା ରଖିଛନ୍ତି । ଏହି ନୂତନ ପ୍ଲାଣ୍ଟଗୁଡ଼ିକ ସମ୍ପୂର୍ଣ୍ଣ ହେବା ପରେ ଓଡ଼ିଶାର ମୋଟ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ସଂଖ୍ୟା ୭ ରେ ପହଞ୍ଚିବ । ଏହି ୭ଟି ବଟଲିଂ ପ୍ଲାଣ୍ଟର ବାର୍ଷିକ କ୍ଷମତା ୪.୦୬ କୋଟି ସିଲିଣ୍ଡର ହେବ । ଜୁନ ୨୦୧୪ରେ ଓଡ଼ିଶାରେ ଏଲ୍‌ପିଜି ଉପଭୋକ୍ତାଙ୍କ ସଂଖ୍ୟା ୨୦.୨୨ ଲକ୍ଷ ଥିଲା ଏବଂ ୨୦୧୯ ରେ ଏଥିରେ ବୃଦ୍ଧି ଘଟି ୮୮.୧୦ ଲକ୍ଷରେ ପହଞ୍ଚିଛି ଯାହାକି ଏହି ସମୟ ମଧ୍ୟରେ ଉପଭୋକ୍ତାଙ୍କ ସଂଖ୍ୟାକୁ ୩୩୫.୭୧ ପ୍ରତିଶତ ବୃଦ୍ଧି ଘଟାଇଛି । ଗତବର୍ଷ ଓଡ଼ିଶାର ଏଲ୍‌ପିଜିର ଆବଶ୍ୟକତା ୪୫୪.୩ ଟିଏମ୍‌ଟି (ହଜାର ମେଟ୍ରିକ ଟନ୍) ଥିଲା ବେଳେ ୨୦୨୦ ସୁଦ୍ଧା ୬୧୦ ଟିଏମ୍‌ଟି (ହଜାର ମେଟ୍ରିକ ଟନ୍)ରେ ପହଞ୍ଚିବ ବୋଲି ଆଶା କରାଯାଉଛି । ରାଜ୍ୟରେ ଏଲ୍‌ପିଜି ବ୍ୟବହାର ଜୁନ ୨୦୧୪ରେ ୨୦ ପ୍ରତିଶତରୁ ବୃଦ୍ଧି ଘଟି ୮୧.୩ ପ୍ରତିଶତରେ ପହଞ୍ଚିଛି, ଅର୍ଥାତ ଏଲ୍‌ପିଜି ବ୍ୟବହାରରେ ହାରାହାରି ୬୧.୩ ପ୍ରତିଶତ ବୃଦ୍ଧି ଘଟିଛି । ରାଜ୍ୟରେ ବିତରକଙ୍କ ସଂଖ୍ୟା ଜୁନ ୨୦୧୪ରେ ୩୬୭ରୁ ବୃଦ୍ଧି ଘଟି ୨୦୧୯ ସୁଦ୍ଧା ୯୩୨ ରେ ପହଞ୍ଚିଛି ଏବଂ ଗତ ୪ ବର୍ଷରେ ୫୬୫ ନୂତନ ବିତରକ ସାମିଲ ହୋଇଛନ୍ତି, ଯାହାକି ୧୫୪ ପ୍ରତିଶତ ଅଧିକ । ୨୦୧୪ରେ ବଲାଙ୍ଗିରରେ ଏଲ୍‌ପିଜି ଉପଭୋକ୍ତାଙ୍କ ସଂଖ୍ୟା ୦.୪ଲକ୍ଷ ଥିଲା ଏବଂ ୨୦୧୯ରେ ଏହା ବୃଦ୍ଧି ପାଇ ୩.୬୨ଲକ୍ଷରେ ପହଞ୍ଚିଛି, ଯାହାକି ଗତ ୫ବର୍ଷ ମଧ୍ୟରେ ଉପଭୋକ୍ତାଙ୍କ ସଂଖ୍ୟାରେ ୮୦୪.୨୨ ପ୍ରତିଶତ ବୃଦ୍ଧି ଘଟିଛି । ବଲାଙ୍ଗିର ଜିଲ୍ଲାରେ ୨୦୧୪ରେ ଏଲପିଜି ବ୍ୟବହାର ୯.୧ ପ୍ରତିଶତ ଥିଲା, ଯାହାକି ୬୫.୬ ପ୍ରତିଶତ ବୃଦ୍ଧି ପାଇ ୨୦୧୯ରେ ୭୪.୭ ପ୍ରତିଶତରେ ପହଞ୍ଚିଛି । ସେହିପରି ୨୦୧୪ରେ ବଲାଙ୍ଗିର ଜିଲ୍ଲାରେ ୧୮ ଜଣ ବିତରକ ଥିବାବେଳେ ଗତ ୪ ବର୍ଷରେ ୨୦ ଜଣ ନୂତନ ବିତରକ ଯୋଡି ହେବା ସହ ୨୦୧୯ ରେ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି । ଯାହାକି ପ୍ରାୟ ୧୧୧ ପ୍ରତିଶତ ବୃଦ୍ଧି ପାଇଛି । ତୈଳ ବିପଣନ କମ୍ପାନୀମାନଙ୍କ ମଧ୍ୟରେ କେବଳ ବିପିସିଏଲ୍‌ର ୨୧.୫୯ ଲକ୍ଷ ଉପଭୋକ୍ତା ଅଛନ୍ତି ଯେଉଁମାନେ କି ବାର୍ଷିକ ୭୮ ଲକ୍ଷ ସିଲିଣ୍ଡର ବ୍ୟବହାର କରୁଛନ୍ତି । ୨୦୨୦ ସୁଦ୍ଧା ଏହା ୧୦୫ ଲକ୍ଷ ସିଲିଣ୍ଡରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ରାଜ୍ୟରେ ବୃଦ୍ଧି ପାଉଥିବା ଏଲ୍‌ପିଜି ଚାହିଦା, ବିଶେଷକରି ପଶ୍ଚିମ ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଏଲ୍‌ପିଜି ଆବଶ୍ୟକତା ଦୃଷ୍ଟିରୁ ଏକ ନୂତନ ବଟଲିଂ ପ୍ଲାଣ୍ଟ ସ୍ଥାପନ କରିବା ଜରୁରୀ ଥିଲା ଏବଂ ଯୋଗାଯୋଗ ଉପାଦେୟତା ରହିଥିବାରୁ ଐତିହାସିକ ସହର ବଲାଙ୍ଗିରକୁ ଉପଯୁକ୍ତ ଦର୍ଶାଇ ଏଠାରେ ନୂତନ ପ୍ଲାଣ୍ଟ ନିର୍ମାଣ କରାଯାଇଛି । ବଲାଙ୍ଗିର ରେଳ ଷ୍ଟେସନଠାରୁ ୧୨ କିଲୋମିଟର ଦୂରରେ ଅବସ୍ଥିତ ବରକାନି ଗ୍ରାମରେ ଏହି ଏଲ୍‌ପିଜି ପ୍ଲାଣ୍ଟ ନିର୍ମାଣ କରାଯାଇଛି । ଏହି ପ୍ଲାଣ୍ଟ ୨୩ ଏକର ବିଶିଷ୍ଟ ସ୍ଥାନରେ ନିର୍ମାଣ କରାଯାଇଛି ଏବଂ ବାର୍ଷିକ ୪୨ ଲକ୍ଷ ସିଲିଣ୍ଡର ଉତ୍ପାଦନ କରିବାର କ୍ଷମତା ରହିଛି । ଏହି ପ୍ଲାଣ୍ଟରେ ୨୪ଟି ବୈଦ୍ୟୁତିକ କାରୌସେଲ ଷ୍ଟେସନ, ୧୮୫୩ କିଲୋଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି, ଗ୍ୟାସ୍ ଭର୍ତ୍ତି କରାଯାଉଥିବା ସ୍ଥାନ ସମେତ ଭର୍ତ୍ତି ସିଲିଣ୍ଡର ରହିବା ସ୍ଥାନ ଏବଂ ୮ଟି ବେ-ଟ୍ୟାଙ୍କଲରୀ ଡିକ୍ୟାଣ୍ଟେନେସନ ଗ୍ୟାଣ୍ଟ୍ରି ଏବଂ ୩ଘ୩୦୦ ଏମ୍‌ଟି (ମେଟ୍ରିକ ଟନ୍) କ୍ଷମତା ବିଶିଷ୍ଟ କଣ୍ଟେନର ଆଦି ଭଳି ସୁବିଧା ରହିଛି । ଏହି ପ୍ଲାଣ୍ଟ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ବଲାଙ୍ଗିରର ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ଓଡ଼ିଶାର ୧୪ଟି ଜିଲା: ବଲାଙ୍ଗିର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, କଳାହାଣ୍ଡି, ସୋନପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲାର ଉପଭୋକ୍ତାଙ୍କୁ ଏଲ୍‌ପିଜି ସିଲିଣ୍ଡର ଯୋଗାଣ କରିବ ।

## ଦୀଘା ମୁହାଣରେ ଓଲଟିଲା ଟ୍ରଲର୍ : ୧୦ ଉଦ୍ଧାର, ଜଣେ ମତ୍ସ୍ୟଜିବୀ ନିଖୋଜ

ବାଲେଶ୍ୱର, ୨୭ ।୧ ୨(ପି.ଏନ): ଓଡ଼ିଶା ସୀମାନ୍ତ ଦୀଘା ମୁହାଣରେ ଆଜି ଏକ ଟ୍ରଲର୍ ସମୁଦ୍ରରୁ ମାଛ ମାରି ଫେରୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଟ୍ରଲରରେ ଥିବା ୧୧ ଜଣ ମତ୍ସ୍ୟଜିବୀଙ୍କ ମଧ୍ୟରୁ ୧୦ ଜଣ ଉଦ୍ଧାର ହୋଇଥିବା ବେଳେ ବର୍ତମାନ ସୁଦ୍ଧା ଜଣେ ନିଖୋଜ ଅଛନ୍ତି । ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ତେବେ ସଂନ୍ଧ୍ୟା ସୁଦ୍ଧା ନିଖୋଜଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ । ଏହି ମତ୍ସ୍ୟଜିବୀ ମାନେ ପଶ୍ଚିମବଙ୍ଗ ନନ୍ଦିଗ୍ରାମ ଅଂଚଳର ବୋଲି ଜଣାପଡିଛି ।

## ଆଜିଠାରୁ ସବୁଦିନେ ଚଳାଚଳ କରିବ ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ

ଭୁବନେଶ୍ୱର, ୨୭ ।୧ ୨(ପି.ଏନ): ରେଳଯାତ୍ରୀ ମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି (ଶନିବାର) ଠାରୁ ରାଉରକେଲାରୁ ଏବଂ ଡିସେମ୍ବର ୨୯ ତାରିଖ ଠାରୁ ଗୁଣୁପୁର ଠାରୁ ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସକୁ ସପ୍ତାହକୁ ୬ ଦିନ ପରିବର୍ତେ ସବୁଦିନ ଚଳାଚଳ କରାଇବାକୁ ସ୍ଥିର କରାଯାଇଛି । ଏହି ଟ୍ରେନ ପାଇଁ ବିଭିନ୍ନ ସ୍ଥାନରେ ସ୍ଥିରୀକୃତ ରହଣି ଷ୍ଟେସନ ଓ ସମୟ ସାରଣୀରେ କୌଣସି ପରିବର୍ତନ ହେବ ନାହିଁ । ପୂର୍ବରୁ ରାଜ୍ୟରଣୀ ଏକ୍ସପ୍ରେସ ସପ୍ତାହକୁ ୩ ଦିନ ଭାବେ ଝାରସୁଗୁଡା ଓ ଭୁବନେଶ୍ୱର ମଧ୍ୟରେ ନଭେମ୍ବର ୨୦୧୧ ଠାରୁ ପ୍ରଚଳନ କରାଯାଇଥିଲା ଏବଂ ପରବର୍ତୀ ସମୟରେ ଏହାକୁ ୨୦୧୨ ଜୁଲାଇ ମାସ ଠାରୁ ରାଉରକେଲାକୁ ସମ୍ପ୍ରସାରିତ କରାଯାଇଥିଲା । ଏହି ଟ୍ରେନକୁ ପୁନର୍ବାର ୨୦୧୭ ମାର୍ଚ୍ଚ ମାସ ଠାରୁ ଗୁଣୁପୁରକୁ ସମ୍ପ୍ରସାରଣ କରାଗଲା ଯାହା ଫଳରେ ଏହା ରାଉରକେଲା ଓ ଭୁବନେଶ୍ୱର ସହିତ ଗଜପତି ଓ ରାୟଗଡା ଜିଲ୍ଲାର ବିଭିନ୍ନ ସହରକୁ ସିଧାସଳଖ ଭାବେ ଟ୍ରେନ ଦ୍ୱାରା ସଂଯୋଗ କରାଯାଇ ପାରିଲା । ଯାତ୍ରୀ ମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ୨୦୧୯ ମାର୍ଚ୍ଚ ମାସ ଠାରୁ ଏହି ଟ୍ରେନକୁ ସପ୍ତାହରେ ୩ ଦିନ ପରିବର୍ତେ ୬ ଦିନ ଚଳାଚଳ କରାଗଲା । ପୁନର୍ବାର ଚଳିତ ମାସ ୨୮ ତାରିଖ ଠାରୁ ରାଉରକେଲାରୁ ଏବଂ ୨୯ ତାରିଖ ଠାରୁ ଗୁଣୁପୁରରୁ ସପ୍ତାହରେ ସବୁଦିନ ଚଳାଚଳ କରାଯିବ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏହି ଟ୍ରେନ ରାଉରକେଲା ଠାରୁ ରାତ୍ର ୯ଘ.୨୦ମି.ରେ ଛାଡି ତା'ପରଦିନ ଅପରାହ୍ନ ୧ଘ.୩୫ମି.ରେ ଗୁଣୁପୁର ଠାରେ ପହଂଚୁଥିବାବେଳେ ଫେରିବା ପଥରେ ଏହା ଗୁଣୁପୁର ଠାରୁ ଅପରାହ୍ନ ୩ଘ.୧୫ମି.ରେ ଛାଡି ରାଉରକେଲାଠାରେ ତା'ପରଦିନ ସକାଳ ୮ ଘଟିକାରେ ପହଂଚୁଛି । ଏବେ ଏହି ଟ୍ରେନ ରେ ଗୋଟିଏ ଏସି-୨ ଟାୟାର, ଦୁଇଟି ଏସି-୩ ଟାୟାର, ଚାରିଟି ସ୍ଲିପର କ୍ଲାସ, ପାଂଚଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଓ ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ସହିତ ସମୁଦାୟ ୧୪ ଟି କୋଚ ରହିଛି । ଏହା ରାଉରକେଲା ଓ ଗୁଣୁପୁର ମଧ୍ୟରେ କାନ୍ସବାହାଲ, ରାଜଗାଙ୍ଗପୁର, ଗରପୋଷ, ବାମରା, ବାଗଡିହ, ଝାରସୁଗୁଡା, ରେଙ୍ଗାଲି, ସମ୍ବଲପୁର ସିଟି, ରେଢ଼ାଖୋଲ, ବଇଣ୍ଡା, ଅନୁଗୁଳ, ତାଳଚେର ରୋଡ୍, ଢେଙ୍କାନାଳ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ନିରାକାରପୁର, ବାଲୁଗାଁ, ଛତ୍ରପୁର, ବ୍ରହ୍ମପୁର, ଇଚ୍ଛାପୁରମ, ସୋମପେଟା, ପଲାସା, ନୌପଡା ଏବଂ ପାରଳାଖେମୁଣ୍ଡି ଷ୍ଟେସନ ମାନଙ୍କରେ ରହଣି କରୁଛି ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ରଣ

ବେଜିଂ ସାଧାରଣତଃ ରଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ରଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ରଣ ପ୍ରଦାନ କରୁଛି। ତେବେ ରଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ରଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢ଼କୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

# ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଶ୍ରୀ ଗଣେଷ ମହୋତ୍ସବ ୨୦୧୯ବର୍ଷ ପାଇଁ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀ ଗଣେଷ ମହାପ୍ରଭୁଙ୍କ ପୂଜା ମହାଆଡମ୍ବରରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଆଜି ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପରିସରରେ କମିଟିର ବାର୍ତ୍ତା ସମ୍ପାଦକ ଶ୍ରୀ ଦେବବ୍ରତ ମହାନ୍ତିଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ବିଶିଷ୍ଟ ସମାଜସେବୀ ତଥା କମିଟିର ସମ୍ପାଦକ ଶ୍ରୀ ସାଗର ବଳବନ୍ତରାୟ ସଭାପତିତ୍ୱ କରି କହିଛନ୍ତି ଯେ, ଚଳିତବର୍ଷ ଶ୍ରୀ ଗଣେଷ ପୂଜାକୁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ କରିବା ପାଇଁ ଉଭୟ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ସଦସ୍ୟମାନେ ଯୋଜନା କରିଛନ୍ତି ଓ ତଦନୁସାରେ କାର୍ଯ୍ୟ ଆଗେଇ ଚାଲିଛି । ଏଥିପାଇଁ ନୟାପଲ୍ଲୀର ନୂଆସାହିରେ ତିଆରି ଚାଲିଛି ୩୫ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଷଙ୍କ ପ୍ରତିମା । କଲିକତାର କାରିଗରମାନେ ଦୀର୍ଘ ଏକମାସ ଧରି ଶ୍ରୀଗଣେଷଙ୍କ ପ୍ରତିମା ପ୍ରସ୍ତୁତିରେ ଲାଗିଛନ୍ତି ଏବଂ ପ୍ରତିମାରେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି । ଏବର୍ଷ ପୂଜାରେ ଶ୍ରୀ ଗଣେଷଙ୍କୁ ୩୫କିଲୋଗ୍ରାମ୍ ଓଜନ ବିଶିଷ୍ଟ ଲଡୁ ଭୋଗ ଅର୍ପଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକମାନଙ୍କ ମନ ମୋହିବ ବୋଲି ଆଶା କରାଯାଉଛି । ଆସନ୍ତାମାସ ୭ତାରିଖ ଶନିବାର ଦିନ ପୂଜାର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବା ସହ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସମାଦସେବନର ସୁବ୍ୟବସ୍ଥା କରାଯାଇଛି । ଏତଦ୍ ଭିନ୍ନ ପୂଜାରେ ପରିବେଶକୁ ସୁରକ୍ଷା ଦେବାପାଇଁ ବୃକ୍ଷରୋପଣର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି । ତା ୦୮.୦୯.୨୦୧୯ ରବିବାର ଦିନ ଶ୍ରୀଗଣେଷ ମହାପ୍ରଭୁଙ୍କ ବିସର୍ଜନ ପର୍ବ ମହାଆଡମ୍ବରରେ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ କମିଟିର ସଭାପତି ସୁମନ୍ତ ସାମନ୍ତରାୟ, ରାକେଶ ମହାନ୍ତି, ସୁଜିତ୍ ରାୟ,ସନ୍ତୋଷ କୁମାର ସାହୁ, ବିଦ୍ୟାଧର ବେହେରା, ସିଟୁ ବଳବ'ରାୟ, ବିଶ୍ୱଜିତ୍ ବଳବ'ରାୟ ପ୍ରମୁଖ ଉପସ୍ଥିତ ଥିଲେ ବୋଲି କମିଟିର ସହ ବାର୍ତ୍ତା ସମ୍ପାଦକ ବାଦଲ ପରିଡା ସୂଚନା ଦେଇଛନ୍ତି ।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ


**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।


**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।


**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।


**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।


**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।


**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।


**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାତ୍ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ସରକାରୀ କର୍ମଚାରୀଙ୍କ ପାଇଁ ଜାନୁଆରୀ ପହିଲାରୁ ଅନଲାଇନରେ ଛୁଟି ଆବେଦନ ବ୍ୟବସ୍ଥା



ବାଲେଶ୍ୱର(ପିଏନ)-ଆସନ୍ତା ଜାନୁଆରୀ ପହିଲାରୁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କ ନିମନ୍ତେ ଅନଲାଇନ ଛୁଟି ଦରଖାସ୍ତ ବ୍ୟବସ୍ଥା ଲାଗୁ ହେବ । ଏ ସମ୍ପର୍କିତ ଏକ ଦୁଇଦିନିଆ କର୍ମଶାଳା ସ୍ଥାନୀୟ ସଦଭାବନା ସଭାଗୃହରେ ଆଜି ଆରମ୍ଭ ହୋଇଛି । ଏଥିରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ମାନବ ସମ୍ବଳ ପୋର୍ଟାଲ "ଏଚଏଆରଏମଏସ" ମାଧ୍ୟମରେ ନିଜ ନିଜର ବିଭାଗୀୟ ଅଧିକାରୀମାନଙ୍କୁ ଅନଲାଇନ ମାଧ୍ୟମରେ ଯେ କୌଣସି ଛୁଟି ନିମନ୍ତେ କିପରି ଆବେଦନ କରିପାରିବେ ସେ ବାବଦରେ ତାଲିମ ପ୍ରଦାନ କରାଯାଇଥିଲା । ଏଚଆରଏମଏସ ଜିଲ୍ଲା ସଂଯୋଜକ ଶ୍ରୀ ଅପୂର୍ବ ରାୟ ଉପସ୍ଥିତ ଅଧିକାରୀ ଓ ବିଭାଗୀୟ କର୍ମଚାରୀମାନଙ୍କୁ ଅନଲାଇନରେ ଅନୁସୃତ ପ୍ରକ୍ରିୟା ସଂପର୍କରେ ଅବଗତ କରିଥିଲେ । ଛୁଟି ସଂକ୍ରାନ୍ତୀୟ ଆବେଦନ ପରେ ବିଭାଗୀୟ ଅଧିକାରୀ ଦରଖାସ୍ତ ମଞ୍ଜୁର, ଖାରଜ ବା ଉପରିସ୍ଥ ଅଧିକାରୀଙ୍କ ବିଚାର ନିମନ୍ତେ ପଠାଇପାରିବାର ବ୍ୟବସ୍ଥା ଏଥିରେ ରହିଛି । ମଞ୍ଜୁରୀ ପ୍ରାପ୍ତ ଛୁଟିଗୁଡିକର ସମସ୍ତ ତଥ୍ୟ କର୍ମଚାରୀଙ୍କ ସେବା ପୁସ୍ତକରେ ଲିପିବଦ୍ଧ ରହିବ । ଏଥି ସହିତ ସମସ୍ତ କର୍ମଚାରୀଙ୍କର ସେବା ପୁସ୍ତକଗୁଡିକ ଅନଲାଇନରେ ଅପଡେଟ୍ ହେବା ସହିତ, ଚଇଜ ସମ୍ବଳିତ ତଥ୍ୟ ଅନୁସାରେ ସମୟାନୁଯାୟୀ ପଦୋନ୍ନତି ଏବଂ ଅବସର ସମୟରେ ପେନସନ ଦିଆଯାଇପାରିବ ଯାହା ସରକାରଙ୍କ ୫'ଟିର ଏକ ଅଂଶ ବିଶେଷ । ଆସନ୍ତା କାଲି ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିବ । ମୋଟ ୪ଟି ବ୍ୟାଚରେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଉଠାଣ ଓ ବିତରଣ ଅଧିକାରୀ ତଥା ବିଲ୍ ପ୍ରସ୍ତୁତିରେ ସାମିଲ କର୍ମଚାରୀମାନଙ୍କୁ ଏହି ତାଲିମ ଦିଆଯାଇଛି ।

# ମୁଖ୍ୟମନ୍ତ୍ରୀ ୧ ନମ୍ବର କିନ୍ତୁ ରାଜ୍ୟ ପଛଆଡୁ ୧ ନମ୍ବର : ପ୍ରଦେଶ କଂଗ୍ରେସ



ଭୁବନେଶ୍ୱର(ପିଏନ)- ଦୀର୍ଘ ୨୦ ବର୍ଷର ନିରନ୍ତର ଶାସନ ବ୍ୟବସ୍ଥାରେ ନବୀନ ବାବୁ ଓଡିଶାର ମୁଖ୍ୟମନ୍ତ୍ରୀ । ବିଭିନ୍ନ ସଭା ସମିତିରେ ଏବଂ ବିଭିନ୍ନ ଅନୁଷ୍ଠାନମାନଙ୍କ ପାଖରୁ ୧ ନମ୍ବର ମୁଖ୍ୟମନ୍ତ୍ରୀର ପୁରସ୍କାର ମଧ୍ୟ ଗ୍ରହଣ କରିଛନ୍ତି । କିନ୍ତୁ ପ୍ରକୃତ ସତ୍ୟ ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ସାରା ଭାରତବର୍ଷରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳମାନଙ୍କରେ ଏକ ସୁଶାସନ ସୁଚକାଙ୍କ ପାଇଁ କୃଷି ଏବଂ କୃଷି ସମ୍ବନ୍ଧୀୟ କ୍ଷେତ୍ର, ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ଅଦାଲତ ଓ ସାଧାରଣ ନିରାପତା, ମାନବ ସମ୍ବଳ ବିକାଶ, ସ୍ୱାସ୍ଥ୍ୟ, ବାଣିଜ୍ୟ ଏବଂ ଶିଳ୍ପ, ଅର୍ଥନୀତିର ସୁପରିଚାଳନା, ସାମାଜିକ ନିରାପତା ଏବଂ ଉନ୍ନତି, ପରିବେଶ ଇତ୍ୟାଦି କ୍ଷେତ୍ରରୁ ସମସ୍ତ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସରକାର ଏକ ସୁଶାସନ ସୂଚକାଙ୍କ ପ୍ରସ୍ତୁତ କରିଥିଲେ । ଏହି ସୂଚକାଙ୍କ ପ୍ରସ୍ତୁତ କରିବାର ମୂଳ ଲକ୍ଷ୍ୟ କିଭଳି ଭାବରେ ରାଜ୍ୟ ପ୍ରଶାସନ ଓ ରାଜ୍ୟ ସରକାର ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବା ଏବଂ ରାଜ୍ୟ ସରକାରଙ୍କର ନୀତି ଏବଂ ନିୟମ ବଳରେ କିଭଳି ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସାମଗ୍ରୀକ ବିକାଶ ଘଟିଛି କି ନାହିଁ, ତାର ଏକ ସଂପୂର୍ଣ୍ଣ ଚିତ୍ର ଏହି ସୂଚକାଙ୍କ ପ୍ରକାଶ କରୁଛି । ରାଜ୍ୟ ସରକାର ୫ଟି ର ଡିଣ୍ଡିମ ପିଟୁଛନ୍ତି । ମୁଖ୍ୟମନ୍ତ୍ରୀ ଖୋଦ୍ ସଚିବମାନଙ୍କୁ ବିଭିନ୍ନ ଜିଲ୍ଲା ଗସ୍ତ କରି ସମୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ମନ୍ତ୍ରୀମାନଙ୍କୁ ପ୍ରତି ମାସରେ ରିପୋର୍ଟ ଦେବା ପାଇଁ ତାଗିଦ୍ କରୁଛନ୍ତି କିନ୍ତୁ ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଶୁସାଶନ ସୁଚକାଙ୍କରେ ଓଡ଼ିଶାର ସ୍ଥିତି କିଭଳି ପଛଆଡୁ ୧ନମ୍ବର ତାହା ଆଜି ଏକ ବଡ଼ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ନେତା ତଥା ମିଡ଼ିଆ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀ ସତ୍ୟପ୍ରକାଶ ନାୟକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପ୍ରଶାସନକୁ ସିଧାସଳଖ ପ୍ରଶ୍ନ ପଚାରିଛନ୍ତି ଦୀର୍ଘ ୨୦ ବର୍ଷରେ ଶାସନ ବ୍ୟବସ୍ଥାରେ ରହିଲାପରେ ମଧ୍ୟ ରାଜ୍ୟ ଆଜି ସବୁ କ୍ଷେତ୍ରରେ ପଛୁଆ ଏଭଳିକି ରାଜ୍ୟର ସ୍ଥିତି ସାରା ଭାରତ ବର୍ଷରେ ଅତି ଦୟନିୟ ଅବସ୍ଥାରେ ଅଛି । ଶିକ୍ଷା ଏବଂ ମାନବ ସମ୍ବଳ ବିକାଶରେ ରାଜ୍ୟର ସ୍ଥିତି ବୃହତ ରାଜ୍ୟ ମାନଙ୍କରେ ୧୨ ସ୍ଥାନରେ ଥିଲାବେଳେ ଯଦି ଉତରପୂର୍ବାଚଂଳ ପାହାଡ଼ି ରାଜ୍ୟମାନଙ୍କ ହିସାବ ନିଆଯାଏ ଓଡ଼ିଶାର ସ୍ଥାନ ୧୪ ନମ୍ବରରେ ଅର୍ଥାତ ଏ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଏକ ମରୁଡ଼ି ପଡ଼ିଛି ଏବଂ ଲକ୍ଷ ଲକ୍ଷ ଶିକ୍ଷିତ ବେକାର ଯୁବତୀ ବେକାର ହୋଇ ରାଜ ରାସ୍ତାରେ ବୁଲୁଛନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ୧୬ ନମ୍ବରରେ ସାରା ଭାରତ ବର୍ଷରେ ବଡ଼ ରାଜ୍ୟମାନଙ୍କ ଭିତରେ କିନ୍ତୁ ଯଦି ଉତରପୂର୍ବାଚଂଳ ଏବଂ ପାହାଡ଼ିଆ ରାଜ୍ୟମାନଙ୍କୁ ଯଦି ନିଆଯାଏ ତାହାହେଲେ ରାଜ୍ୟର ସ୍ଥାନ ୨୫ ନମ୍ବରରେ । ଏଥିରୁ ଏ ରାଜ୍ୟ ସରକାର କିଭଳି ଭାବରେ ଓଡ଼ିଶାର ଜନସାଧାରଣଙ୍କୁ ସାମାନ୍ୟ ସ୍ୱାସ୍ଥ୍ୟ ସେବା ଟିକିଏ ଯୋଗାଇ ଦେଇ ପାରୁନାହାନ୍ତି ତାହା ସ୍ପଷ୍ଟ ଅନୁମେୟ । ଠିକ୍ ସେହିଭଳି ଭାବରେ ସାଧାରଣ ଭିତିଭୂମିରେ ଓଡ଼ିଶାର ସ୍ଥାନ ବଡ଼ ରାଜ୍ୟମାନଙ୍କ ଭିତରେ ୧୮ ନମ୍ବର ଯଦି ଉତରାପୂର୍ବାଚଂଳ ପାହାଡ଼ିଆ ରାଜ୍ୟମାନଙ୍କୁ ହିସାବକୁ ନିଆଯାଏ ରାଜ୍ୟର ସ୍ଥିତି ୨୭ତମ ସ୍ଥାନରେ । ହଜାର ହଜାର କୋଟି ଟଙ୍କା ରାଜ୍ୟ ସରକାର ଭିତିଭୂମି ସୃଷ୍ଟି କରିବା ପାଇଁ ଖର୍ଚ୍ଚ କରିବା ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଏ ଅର୍ଥ କେଉଁଠି ଏବଂ କିଭଳି ଭାବରେ ଖର୍ଚ୍ଚ କରାଯାଇଛି ଯାହାର କୌଣସି ତଥ୍ୟ କେନ୍ଦ୍ରସରକାରଙ୍କୁ ମିଳିଲା ନାହିଁ । ଏ ସରକାର ପିସିର ସରକାର ତେଣୁ ରାଜ୍ୟର କୋଟି କୋଟି ଗରୀବ ଜନସାଧାରଣଙ୍କ ଟିକସ ପଇସାରେ ରାଜନୀତି କରନ୍ତି କିନ୍ତୁ ରାଜ୍ୟର ସାମାନ୍ୟତମ ବିକାଶ ପାଇଁ ଏ ସରକାର କେବେ ଚେଷ୍ଟା କରିନାହାନ୍ତି । କୃଷି କ୍ଷେତ୍ରରେ ଓଡ଼ିଶାର ସ୍ଥାନ ମଧ୍ୟ ଅତି ଚିନ୍ତାଜନକ ଓ ଉଦ୍‌ବେଗ ଜନକ ଓଡ଼ିଶାର ସ୍ଥାନ ସୁଶାସନ ସୂଚଙ୍କାକରେ ୧୪ତମ ସ୍ଥାନରେ ଦୀର୍ଘ ୨୦ବର୍ଷ ଭିତରେ ରାଜ୍ୟ ସରକାର କୃଷି ଏବଂ କୃଷିକ୍ଷେତ୍ର ପ୍ରତି ତାଙ୍କର ବୈମାତୃକ ମନୋଭାବ ପୋଷଣ କରିଚାଲିଛନ୍ତି । ହଜାର ହଜାର କୃଷକ ଆତ୍ମହତ୍ୟା କରୁଥିବା ବେଳେ ନବୀନ ବାବୁଙ୍କର କୃଷିକର୍ମଣ ପୁରସ୍କାର କାହା ଉଦ୍ଦେଶ୍ୟରେ ତାହା ବିଜୁ ଜନତା ଦଳର ନେତୃବର୍ଗ ଏବଂ ନବୀନବ ବାବୁଙ୍କୁ ଭଲଭାବେ ଜଣା । ଆଳୁ ମିଶନ ଫେଲ, ମଣ୍ଡିରେ ଧାନ ପଡ଼ିରହୁଛି, କୃଷକ ହନ୍ତସନ୍ତ ହେଉଛି କିନ୍ତୁ ନବୀନ ବାବୁ ଓଡ଼ିଶାର ୪କୋଟି ୫୦ଲକ୍ଷ ଲୋକଙ୍କୁ କଟାକ୍ଷ କରି ପଚାରୁଛନ୍ତି ଆପଣମାନେ ଖୁସି ତ ! ଏ କେଉଁ ଖୁସି, କାହାର ଖୁସି ଓ କିଭଳି ଖୁସି ? ନବୀନ ବାବୁ ଏହାର ଉତର ରଖିବା ଉଚିତ । ୫ଟି ସଚିବ ରାତିଅଧରେ ବିଭିନ୍ନ ସରକାରୀ ହସପିଟାଲ ପରିଦର୍ଶନ କରୁଛନ୍ତି, ହେଲିକପ୍ଟରେ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି, ଏ ବାବଦରେ ଲକ୍ଷାଧିକ ଟଙ୍କା ରାଜ୍ୟ ତହବିଲ୍‌ରୁ ଖର୍ଚ୍ଚ ହେଉଛି କିନ୍ତୁ ବାସ୍ତବିକ ଚିତ୍ର ସଂପୂର୍ଣ୍ଣ ଭିନ୍ନ । ସାମଗ୍ରିକ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ବଡ଼ ରାଜ୍ୟମାନଙ୍କରେ ୧୪ତମ । ଏଣୁ ପ୍ରଦେଶ କଂଗ୍ରେସ ପଶ୍ନପଚାରୁଛି, ମୁଖ୍ୟମନ୍ତ୍ରୀ ଯଦି ୧ନମ୍ବର ରାଜ୍ୟ କିଭଳି ୧୪ ନମ୍ବର ତାର ଉତର ରାଜ୍ୟବାସୀଙ୍କ ସାମନ୍ନାରେ ରଖନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ନେତା ତଥା ପ୍ରାକ୍ତନ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ପଦ୍ମାକର ଗୁରୁ, ନିଶିକାନ୍ତ ମିଶ୍ର, ନରେଶ ମହାନ୍ତି ଏବଂ ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମାନସିକ ଦିବ୍ୟାଙ୍ଗ ପିଲାଙ୍କ ସହ ଜନ୍ମଦିନ ପାଳନ କଲେ ଅଭିନେତ୍ରୀ ଆହାନା



ଭୁବନେଶ୍ୱର,(ପିଏନ). : ଓଡ଼ିଆ ସିନେ ଜଗତରେ ସୁନ୍ଦରୀ ଅଭିନେତ୍ରୀ ଆହାନା ବରାଳ ଏକ ଅଭିନବ ଢଙ୍ଗରେ ନିଜ ଜନ୍ମଦିନଟିକୁ ପାଳନ କରିଛନ୍ତି । ଜୟଦେବ ବିହାରସ୍ଥିତ 'ଚେତନା' ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟରେ ପିଲାମାନଙ୍କ ସହ କେକ୍ କାଟିଥିଲେ । ନିଜ ଅଭିନୀତ ସିନେମାର ଗୀତର ତାଳେ ତାଳେ ନାଚିବା ସହ ମିଷ୍ଟାନ୍ନ ଓ ଖାଦ୍ୟ ବଣ୍ଟନ କରିଥିଲେ । 'ଭୈରବ' ଚଳଚ୍ଚିତ୍ରରୁ ନିଜର କ୍ୟାରିଅର୍ ଆରମ୍ଭ କରିଥିବା ଆହାନା ପରବର୍ତ୍ତୀ ଚଳଚ୍ଚିତ୍ର 'ବ୍ଲାକ୍‌ମେଲ୍'ରେ ମଧ୍ୟ ନିଜର ଅଭିନୟ ପରାକାଷ୍ଠା ଦେଖାଇଛନ୍ତି । ଆଗାମୀ ଚଳଚ୍ଚିତ୍ର 'ଜଙ୍ଗଲ'ରେ ମଧ୍ୟ ଦର୍ଶକ ତାଙ୍କୁ ଏକ ନୂତନ ଚରିତ୍ରରେ ଦେଖିବାକୁ ପାଇବେ । ସେ ଏକ ଭଲ ଅଭିନେତ୍ରୀ ସହ ଯୁବ ସମାଜସେବୀ ମଧ୍ୟ । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରି ୱାର୍କ' ସହ ଜଡ଼ିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥାନ୍ତି । ଭିନ୍ନ ଢଙ୍ଗରେ ଜନ୍ମଦିନଟିକୁ ପାଳନ କରିଥିବା ଆହାନା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ପାଲଟି ଯାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ'ର ଅଧ୍ୟକ୍ଷ ମୀର ଅହମଦ୍ ଅଲ୍ଲୀ, ଅଭିନେତା ସୂରଜ ତ୍ରିପାଠୀ, ଅତିଶ କୁମାର ରାଉତ, ଚେତନା ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାର୍, ମଲ୍ଲିକ ଆୱେସ୍, ବିନୋଦ କୁମାର ରାଉତ, ନଳିନୀକାନ୍ତ ନାୟକ, ଦୀପକ ନାୟକ, ଅଜିତ, ମଣ୍ଟୁ, ସୁବ୍ରତ ମହନୀ ପ୍ରମୁଖ ଯୋଗ ଦେଇଥିଲେ ।

## ସୁସ୍ଥ ସମାଜ ଗଠନ ପାଇଁ ରାଜ୍ୟସ୍ତରିୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ, (ପିଏନ):- ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସରସ୍ୱତୀ ଶିଶୁମନ୍ଦିର ଠାରେ ରାଜ୍ୟସ୍ତରିୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ପ୍ରତିନିଧି ପ୍ରଦୀପ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରରୁ ମୋଟ୍ ୧୭୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗଦେଇଥିଲେ । ଭାରତୀୟ ସଂସ୍କୃତି, ସଦାଚାର ଓ ଚିକିତ୍ସା ଅନୁସାରେ ଜୀବନଚର୍ଯ୍ୟା କଲେ ହିଂସାମୁକ୍ତ ସମାଜ ଓ ସୁସ୍ଥ ପରିବାର ଗଠନ ହୋଇପାରିବ ଏହି ସମ୍ବନ୍ଧରେ ଶିକ୍ଷାଦାନ ହୋଇଥିଲା । ବରିଷ୍ଠ ଡ଼ାକ୍ତର ନକୁଳ ସାହୁ ଯୋଗଦେଇ ସ୍ତ୍ରୀରୋଗ, ପ୍ରସୂତୀ ତନ୍ତ୍ର, ମାସାନୁମାସିକ ଗର୍ଭିଣୀ ପରିଚର୍ଯ୍ୟା, ସ୍ତନ୍ୟପାନ ସମ୍ପର୍କରେ ବିଷଦ୍ ଶିକ୍ଷାଦାନ କରିଥିଲେ । ଡା. ବିପିନବିହାରି ସାହୁ ସକଳ ରୋଗର ପ୍ରତିଷେଧକ 'ସ୍ୱର୍ଣ୍ଣ ପ୍ରାଶନ' ର ଉପକାରିତା ସମ୍ବନ୍ଧରେ ବୁଝାଇଥିଲେ । ଶିକ୍ଷା ପାଇଥିବା ଶିକ୍ଷୟିତ୍ରୀ ମାନେ ନିଜ ନିଜ ସ୍କୁଲକୁ ଯାଇ ଅଭିଭାବକ ବୈଠକରେ ସୁସ୍ଥ ସମାଜ ଗଠନ ନିମନ୍ତେ ଏହି ଶିକ୍ଷା ସମ୍ବନ୍ଧରେ ସଚେତନ କରାଇବା ପାଇଁ ବିଦ୍ୟାଭାରତୀର ମହତ୍ ଉଦ୍ଦେଶ୍ୟ ରହିଛି ।

## ହାତୀ ଶାବକର ମୃତଦେହ ଉଦ୍ଧାର

ଦେବଗଡ଼, (ପିଏନ): ଦେବଗଡ଼ ବନଖଣ୍ଡ ରେଞ୍ଜ୍ ଅନ୍ତର୍ଗତ ବରଡ଼ାନାଳି ଗ୍ରାମରୁ ଆଜି ଏକ ଛୁଆ ହାତୀର ମୃତଦେହ ଉଦ୍ଧାର ହୋଇଛି । ମୃତ ହାତୀ ଶାବକର ବୟସ ଆନୁମାନିକ ୩ ବର୍ଷ ହେବ । ତେବେ କେଉଁ କାରଣରୁ ତା'ର ମୃତ୍ୟୁ ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ମୃତ ହାତୀ ଶାବକର ଶରୀରରେ କୌଣସି କ୍ଷତ ଚିହ୍ନ ନଥିବାରୁ କୌଣସି ବୟସ୍କ ହାତୀର ଆକ୍ରମଣରେ ହୁଏତ ଏହାର ମୃତ୍ୟୁ ଘଟିଥାଇପାରେ ବୋଲି ବନ ବିଭାଗ ଅନୁମାନ କରୁଛି ।

# ଭାଗବତ ଟୁଙ୍ଗୀକୁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ



କେନ୍ଦୁଝର,(ପିଏନ): ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଆଜି ୧୬ଟି ଭାଗବତ ଟୁଙ୍ଗୀକୁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରାଯାଇଛି । ଦରବାର୍ ହଲ୍‌ଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ପିଡି ଡିଆର୍‌ଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଭାଗବତ ଟୁଙ୍ଗୀ ହିତାଧିକାରୀଙ୍କୁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁଦ୍ଧାର ଯୋଜନା ୨୦୧୪ ମସିହାରୁ ଚାଲୁ ରହିଛି । ଏହି କ୍ରମରେ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାରେ ୨୫୦ଟି ଭାଗବତ ଟୁଙ୍ଗୀକୁ ପର୍ଯ୍ୟାୟକ୍ରମେ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ପ୍ରଦୂଷଣ ଓ ବ୍ଲାଷ୍ଟିଂରେ କଲବଲ ଜୀବନ, କ୍ରସର ଦାବୀ କଲା ଦଳିତ ଅଧିକାର ମଂଚଞ୍ଚ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ପଂଚାୟତର ପହରିଆପଡାବାସୀ ପ୍ରଦୂଷଣ ଓ ପଥର ବ୍ଲାଷ୍ଟିଂରେ କଲବଲ ହେଉଥିବା ଅଭିଯୋଗ କରିଛନ୍ତି । ଏନେଇ ଦଳିତ ଅଧିକାର ମଂଚ ପକ୍ଷରୁ ଖଡିଆଳ ତହସିଲଦାର ଏବଂ ନୂଆପଡା ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରି ପହରିଆପଡାରେ ଥିବା ୨ ଗୋଟି କ୍ରସରକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ପହରିଆପଡାକୁ ଲାଗି ରହିଥିବା ଏହି ୨ ଗୋଟି କ୍ରସର ଯୋଗୁଁ ବହୁମାତ୍ରାରେ ପ୍ରଦୂଷଣ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଥିବା ଅଭିଯୋଗ କରିଛନ୍ତି । ଏହିପଡା ଠାରୁ ମାତ୍ର ୧୦୦ ମିଟର ଦୂରତାରେ ୨ ଗୋଟି କ୍ରସର ଥିବାରୁ ବେଆଇନ ବ୍ଲାଷ୍ଟିଂ ଯୋଗୁଁ ଘର ଗୁଡିକର କାନ୍ଥର ଫାଟ ସୃଷ୍ଟି ହେଉଥିବା ବେଳେ ପଥର ସବୁ ଲୋକଙ୍କ ଉପରେ ପଡୁଛି । ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏନେଇ ପଡାବାସୀ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ପଡାର ଗଣ୍ଡାରାମ ପହରିଆ, ରାମସିଂ ପହରିଆ, ସର୍ବେ ପହରିଆ, ରାମ ପହରିଆ, ଜଳଧର ପହରିଆ, ପାଟମତି ପହରିଆ, ତହସିଲ ପହରିଆ, ଲକ୍ଷ୍ମଣ ପହରିଆ, ଅନାମି ପହରିଆ, ସମୁଦ୍ର ପହରିଆ, ରମୁଲା ପହରିଆ, ପ୍ରେମଲାଲ ପହରିଆ, ଜିତେନ ପହରିଆ, କଳାବତୀ ପହରିଆ, ଲାଲମନ ପହରିଆ, ବିଷମ ପହରିଆ, କୁମରମଣି ପହରିଆ ଏବଂ ଉଗ୍ରେ ପହରିଆଙ୍କ ପରିବାର ଲୋକେ ଅଭିଯୋଗ କରି ତୁରନ୍ତ କ୍ରସର ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ନଚେତ ଆଗାମୀ ଦିନରେ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମବାସିଙ୍କ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ୧୧ତମ ରାଜ୍ୟସ୍ତରୀୟ ପୁସ୍ତକମେଳା

# ପୁସ୍ତକ ବିନା ମନୁଷ୍ୟ ଜଳ ବିହୁନେ ମତ୍ସ୍ୟ ପରି ଜୀବନ:ରାମଚନ୍ଦ୍ର ଖୁଣ୍ଟିଆ

ଯାଜପୁର(ପିଏନ)- ଏକାଦଶ ରାଜ୍ୟ ପୁସ୍ତକ ମେଳାର ଚତର୍ଥ ସଂନ୍ଧ୍ୟା ଅବସରରେ ଶ୍ରମିକ ନେତା ତଥା ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇ ଉଦ୍‌ବୋଧନ କହିଥିଲେ । ପୁସ୍ତକ ବିନା ମନୁଷ୍ୟ ଜଳ ବିହୁନେ ମତ୍ସ୍ୟ ପରି ଜୀବନ । ପୁସ୍ତକ ଦେଶର ଇତିହାସ ସଂସ୍କୃତି ସମ୍ପର୍କରେ ସୂଚିତ କରିଥାଏ । ପୂର୍ବତନମନ୍ତ୍ରୀ ତଥା ଲେଖକ ଶ୍ରୀ ମତଲୁବ୍ ଅଲ୍ଲୀ ଉଦ୍‌ବୋଧନରେ କହିଥିଲେ ପୁସ୍ତକ ମେଳାର ମହକ ଓଡ଼ିଶାରେ ଅନୁଭୂତି ହେଉଛି । ଅନନ୍ୟାର ସଭାପତି ସନ୍ତୋଷ ନନ୍ଦଙ୍କ ପୌରହିତ୍ୱରେ ସଭା ଅନୁଷ୍ଠିତ ହୋବ ସଙ୍ଗେ ସଭାରେ ଅନନ୍ୟ ଉପସଭାପତି ବିଭୂତି ମହାପାତ୍ର, ଇଂ ଶିବ ପ୍ରସାଦ ବଳ, ସଂଗଠକ ପାଣ୍ଡବ ସାହୁ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶ ଇନ୍ଦ୍ରମଣି ନାୟକ । ହୃଷିକେଶ ପତି ଉଦ୍‌ବୋଧନ ଦେଇଥିଲେ, ଡଃ କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ । ରାଜ୍ୟ ପୁସ୍ତକମେଳାରେ ୭୨ ଗୋଟି ଷ୍ଟଲ୍ ଖୋଲାଯିବା ସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟ ମୂଳକ କାର୍ଯ୍ୟକ୍ରମ ଷ୍ଟଲ୍ ଦେଖିବାକୁ ମିଳିଥିଲା ଏହି ପୁସ୍ତକ ମେଳା ଯାଜପୁର ସଦର ମହକୁମା ଯାଜପୁର ବାଳାଶ୍ରମ ପଡ଼ିଆରେ ନିରବଚ୍ଛିନ୍ନ ଭାବରେ ପଞ୍ଚ ସନ୍ଧ୍ୟାରେ ପାଦ ଥାପିଛି ଉକ୍ତ ପୁସ୍ତକ ମେଳାକୁ ଯାଜପୁର ତଥା ଜିଲ୍ଲା ବାହାର ବହୁ ଜନସାଧାରଣ ଏହାକୁ ଉପଭୋଗ କରିବାକୁ ରୁଣ୍ଡିଭୁତ ହେବା ସଙ୍ଗେ ବହୁ ପୁସ୍ତକ ଷ୍ଟଲ୍‌ରୁ ପାଠକମାନେ ପୁସ୍ତକ କ୍ରୟ କରୁଥିବାର ଦେଖିବାକୁ ମିଳେ । ଉକ୍ତ ପୁସ୍ତକ ମେଳାକୁ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ଉଦ୍‌ବୋଧନରେ କହିଥିଲେ ଜୀବନର ପ୍ରକୃତ ବନ୍ଧୁ ହେଉଛି ପୁସ୍ତକ । ପୁସ୍ତକ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରେଷ୍ଠ ବାହାକ । ପୁସ୍ତକ ବିନା ମଣିଷ ଜୀବନ ନିରର୍ଥକ ଅଟେ । ଆମ୍ଭେ ଗୁଗୁଲ୍ ଇଣ୍ଟନେଟ୍‌ରେ ତଥ୍ୟ ପାଉଁ କିନ୍ତୁ ଭାବ ମିଳେ ନାହିଁ । ଯାହାକି ପୁସ୍ତକ ମାଧ୍ୟମରେ ଭାବ ମିଳିଥାଏ । ସେହିପରି ସଭାରେ ମୁଖ୍ୟଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଶ୍ରୀ ଜନ୍ମେଜୟ ଲେଙ୍କା ଉଦ୍‌ବୋଧନରେ କହିଥିଲେ ଯାଜପୁରରେ ଏଭଳି ପୁସ୍ତକ ମେଳା ହେବା ସ୍ୱାଗତ ଯୋଗ୍ୟ ଅଟେ । ସଭାରେ ଅନ୍ୟତମ ବକ୍ତଭାବେ ଯାଜପୁର ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ପ୍ରଫେସର ଉଦୟନାଥ ପରିଡ଼ା, ଡ଼. ସୁବ୍ରତ କୁମାର ପୃଷ୍ଟି, ତ୍ୟାଗ ସ୍ୱରୂପାନନ୍ଦଜୀ ମହାରାଜ, ବିଭୂତି ମହାପାତ୍ର, ହୃଷିକେଶ ପତି, ପାଣ୍ଡବ ସାହୁ ଉଦ୍‌ବୋଧ ଦେବା ସଙ୍ଗେ ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ ଏବଂ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାରେ ସଭାପତିତ୍ୱ କରିଥିଲେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ । ରାଜ୍ୟ ପୁସ୍ତକମେଳାରେ ୭୨ ଗୋଟି ଷ୍ଟଲ୍ ଖୋଲାଯିବା ସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟ ମୂଳକ କାର୍ଯ୍ୟକ୍ରମ ଷ୍ଟଲ୍ ଦେଖିବାକୁ ମିଳିଥିଲା । ଏହା ସଙ୍ଗେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାଜପୁରର ବହୁ ଜନସାଧାରଣ ଉଦ୍‌ଘାଟନି ଉତ୍ସବରେ ଯୋଗଦେଇଥିଲେ ।

# ନୂଆବର୍ଷରେ ଅଣଓଡିଆ କଳାକାର ଓ ଲଙ୍ଗୁଳି ନାଚକୁ ବିରୋଧ କରିବ କଳିଙ୍ଗସେନା

ଭୁବନେଶ୍ୱର,(ପିଏନ)- ମନ୍ଦିରମାଳିନୀ ସହର ତଥା ଦେବଭୂମି ଭୁବନେଶ୍ୱର । ଏଠି ଦୈନନ୍ଦିନ ଜୀବନରେ ସାଧାରଣ ଲୋକ ମନ୍ଦିର ଦର୍ଶନ, ଭଜନ, କୀର୍ତ୍ତନ ଶୁଣି ଆତ୍ମତୃପ୍ତି ଲାଭ କରନ୍ତି । ଲୋକମାନଙ୍କ ମଧ୍ୟରେ ଆଧାତ୍ମିକ ଚେତନା ଜାଗ୍ରତ ହୁଏ । ପରିବାରର ପିଲାମାନେ ଶାନ୍ତିଶୃଙ୍ଖଳାରେ ରହନ୍ତି । ଏଠାକାର ପରିବେଶ ବେଶ୍ ସନ୍ତୁଳନ । ଏଭଳି ଏକ ପରିବେଶରେ ଥିବା ସହରକୁ କଳୁଷିତ ଏବଂ ସମାଜର ପରିବେଶକୁ ଦୂଷିତ କରିବା ସହ ଯୌଥ ପରିବାରକୁ ଖଣ୍ଡଖଣ୍ଡ କରିଦେବା ପାଇଁ ଟଙ୍କା ରୋଜଗାର କରିବା ନାଁରେ ବଡ଼ ବଡ଼ ହୋଟେଲ ମାଲିକମାନେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଛନ୍ତି । ଏହି ହୋଟେଲ ବ୍ୟବସାୟୀ ଏପରି କୁତ୍ସିତ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଯେ କୌଣସି ବ୍ୟକ୍ତି, ସଂଗଠନ କିମ୍ବା ପ୍ରଶାସନ କେହିବି ପଦୁଟିଏ କହୁନାହାନ୍ତି । ଫଳରେ ସ୍ମାର୍ଟସିଟି ଭୁବନେଶ୍ୱର ଦିନକୁ ଦିନ କଳୁଷିତ ହେବାରେ ଲାଗିଛି । ରାଜଧାନୀରେ ଥିବା ବଡ଼ ବଡ଼ ହୋଟେଲ ମାନଙ୍କରେ ବେଧଡ଼କ ଭାବେ ପ୍ରଦର୍ଶନ ହେବାକୁ ଯାଉଥିବା ଅଶ୍ଳୀଳ ନୃତ୍ୟକୁ କଳିଙ୍ଗସେନା ତୀବ୍ର ବିରୋଧ କରିବା ପାଇଁ ସଜବାଜ ହେଉଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଛାଡ଼ି ହୋଟେଲ ମାଲିକମାନେ ଏଭଳି କଦର୍ଯ୍ୟ ନୃତ୍ୟ ପରିବେଷଣ କରିବା ପାଇଁ ଓଡ଼ିଶା ବାହାରୁ ବଡ଼ ବଡ଼ ସହରରୁ ଆଇଟମ୍ ଡ୍ୟାନ୍ସର ତଥା ଲଙ୍ଗୁଳି ନାଚବାଲିଙ୍କୁ ଆମଦାନୀ କରୁଛନ୍ତି । ଏହାକୁ ବନ୍ଦ କରିବା ପାଇଁ କଳିଙ୍ଗସେନା ଏବେ ଅଣ୍ଟା ଭିଡ଼ିଛି । ଏହାଛଡ଼ା ବିଦେଶୀ ରୂପଜୀବୀମାନଙ୍କୁ ଅଣାଯାଇ ବିଭିନ୍ନ ହୋଟେଲ ମାନଙ୍କରେ ଷ୍ଟକ୍ ରଖାଯାଇଛି ଯାହାକି କମିଶନରେଟ୍ ପୋଲିସର ମୁଣ୍ଡବ୍ୟଥାର କାରଣ ହେଲାଣି । ସୂଚନାଯୋଗ୍ୟ କମିଶନରେଟ୍ ପୋଲିସ କିଛି ଦେହ ବ୍ୟବସାୟୀମାନଙ୍କୁ ଧରିସାରିଲାଣି । ଇଂରାଜୀ ନବବର୍ଷ ପାଳନ ବେଳେ ଲଙ୍ଗୁଳି ନାଚ ଓ ଅଣଓଡିଆ କଳାକାରଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମକୁ କଳିଙ୍ଗସେନା କଡା ବିରୋଧ କରିବ । କୌଣସି ସ୍ଥିତିରେ ମନ୍ଦିରମାଳିନୀ ତଥା ଦେବଭୂମିର ସହର ଭୁବନେଶ୍ୱରରେ ଏଭଳି ଅପସଂସ୍କୃତିକୁ ଗ୍ରହଣ କରାଯିବ ନାହିଁ ଓ କଡା ବିରୋଧ କରାଯିବ ବୋଲି ସେନା ପକ୍ଷରୁ ଆଜି ଚେତାବନୀ ଦିଆଯାଇଛି । ସେନାର ସାଧାରଣ ସଂପାଦକ ସ୍ୱାତୀଶ ରଞ୍ଜନ ସାହୁ ଆଜି ଏଠାରେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ଶାନ୍ତି ଶୃଙ୍ଖଳାର ସହ କୌଣସି ଉତ୍ସବ ମନାଇବାରେ କାହାକୁ ବାରଣ ନାହିଁ । ହେଲେ ଓଡିଶାରେ ଅପସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିବା ହୋଟେଲ ଓ ବାର୍ ଭଳି ସଂସ୍ଥାଙ୍କୁ ବରଦାସ୍ତ କରାଯିବ ନାହିଁ । ଯଦି ହୋଟେଲ ଗୁଡ଼ିକରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯାଏ ତେବେ ଦରକାର ପଡ଼ିଲେ କଳିଙ୍ଗ ସୈନିକମାନେ ସେହିସବୁ ହୋଟେଲରେ ତାଣ୍ଡବ ନୃତ୍ୟ କରିବେ । ଓଡିଶାରେ ଭଲ ଭଲ ଓଡିଆ କଳାକାର ଥିବାବେଳେ ରାଜ୍ୟ ବାହାରରୁ କଳାକାରଙ୍କୁ ଆଣି ଲଙ୍ଗୁଳି ନାଚ କରାଉଥିବା ହୋଟେଲ ଓ ସଂସ୍ଥା ଗୁଡିକୁ ବିରୋଧ କରାଯିବ । କଳିଙ୍ଗ ସୈନିକମାନେ ଜୋର ଜବରଦସ୍ତ ଏଭଳି କାର୍ଯ୍ୟକ୍ରମକୁ ବନ୍ଦ କରିଦେବେ ବୋଲି ଶ୍ରୀ ସାହୁ କହିଛନ୍ତି । ସେ କହିଛନ୍ତି ଯେ ନୂଆବର୍ଷ ପାଳନ ନାଁରେ କିଛି ଉଦ୍‌ଭ୍ରାନ୍ତ ଯୁବକ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ଭୁଲି ହୋଟେଲ ଠାରୁ ଆରମ୍ଭକରି ବିଭିନ୍ନ ମଲ୍ ଓ ପାର୍କରେ ବ୍ୟଭିଚାରରେ ମାତୁଛନ୍ତି । ସେମାନଙ୍କୁ ସେହିସବୁ ସ୍ଥାନରେ ବିରୋଧ କରାଯିବା ସହିତ ତାଙ୍କୁ ଧରି ସେମାନଙ୍କ ପରିବାରକୁ ଖବର ଦେବାପାଇଁ ସେନା ଯୋଜନା କରିଛି । ସେହିଭଳି ଓଡିଶାରେ ବହୁ ସୁନାମଧନ୍ୟ କଳାକାର ରହିଛନ୍ତି ଓ ଏମାନଙ୍କ ମଧ୍ୟରୁ ଅନେକ ଜାତୀୟ ସ୍ତରର ନାଁ ବି କମାଇଛନ୍ତି । ହେଲେ କିଛି ବ୍ୟବସାୟୀ ଓ ସଂସ୍ଥା ଏହି ଓଡିଆ କଳାକାରଙ୍କୁ ଅଣଦେଖା କରି ରାଜ୍ୟ ବାହାରୁ ଅତି ନିମ୍ନମାନର କଳା ପ୍ରଦର୍ଶନ କରୁଥିବା କଳାକାରଙ୍କୁ ଆଣି ଏଠାରେ ସେମାନଙ୍କର ଜୋରଦାର ପ୍ରଚାର କରାଉଛନ୍ତି । ତେଣୁ ଏହି ଅଣଓଡିଆ କଳାକାର ଓ ସେମାନଙ୍କ ପୃଷ୍ଠପୋଷକମାନଙ୍କୁ ବିରୋଧ ପାଇଁ ସବୁ ମତେ ଉଦ୍ୟମ କରାଯିବ । ମୋଟାମୋଟି ଭାବେ ନୂଆବର୍ଷରେ କୌଣସି ପ୍ରକାର ଅପସଂସ୍କୃତି ଓ ଓଡିଶା ତଥା ଓଡିଆମାନଙ୍କର ମାନ ସମ୍ମାନରେ ଆଞ୍ଚ ଆଣିଲା ଭଳି କଳାକାର ଓ କାର୍ଯ୍ୟକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ସେନା ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସଂପାଦକ ବିଜୟ ରାଜ, ମନୋଜ ନାୟକ, ସଂପାଦକ ଅବଦୁଲ କୟିମ୍ ଖାନ୍ ପ୍ରମୁଖ ଚେତାବନୀ ଦେଇଛନ୍ତି ।




# 'ଇ-ଆବର୍ଜନାର ସଂକଟ'



ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରିଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିର୍ଜା ପିରାମିଡ଼୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇବର୍ଷଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ ।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦**

## ଲିଟିଲ୍ ଷ୍ଟେପ୍‌ସ ପ୍ଲେ ସ୍କୁଲ୍‌ର ଅଭିଭାବକଙ୍କ ବନ୍ଧୁମିଳନ

ଭୁବନେଶ୍ୱର (ପିଏନ୍): ନୟାପଲ୍ଲୀ ବ୍ରିଟ୍ କଲୋନୀସ୍ଥିତ ଲିଟିଲ୍ ଷ୍ଟେପ୍‌ସ ପ୍ଲେ ସ୍କୁଲ୍‌ରେ ଅଭିଭାବକମାନଙ୍କର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଲାମାନଙ୍କର ଦ୍ୱାରା ବିଭିନ୍ନ ଫଳରେ ସାଜସଜ୍ଜା ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ସମାଜସେବୀ ଉପସନା ରାଓ ଉଦ୍‌ଘାଟନ କରି ସମସ୍ତଙ୍କର ମଙ୍ଗଳ କାମନା କରିବା ସହ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଚାରକ ଭାବେ ମାଷ୍ଟର ଜ୍ୟୋତିରଞ୍ଜନ ଓ ମ୍ୟାଡ଼ମ ରମାଭୂବନ ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁୟାରୀ ୨୫ ତାରିଖରେ ହେବାକୁ ଥିବା ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବା ପାଇଁ ଘୋଷଣା କରିଥିଲେ । ସ୍ନିଗ୍ଧା ମ୍ୟାଡ଼ମ, ମିଲି ମ୍ୟାଡ଼ମ, ଶ୍ରଦ୍ଧା ମ୍ୟାଡ଼ମ, କବିତା ମ୍ୟାଡ଼ମ, ଅନୁ ଓ ଭାରତୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ସ୍କୁଲ୍‌ର ଅଧକ୍ଷ ବିପିନବିହାରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜଧାନୀ ପାଠାଗାର ତରଫରୁ କମ୍ବଳ ବଣ୍ଟନ

ଭୁବନେଶ୍ୱର (ପିଏନ୍): ଦାନ, ପ୍ରଦାନ, ଅନୁଦାନ ଏସବୁ ଆମ ସଂସ୍କୃତିର ଭାଷା ଓ ଭାବ । ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ କାଳ ଆମ ସଂସ୍କୃତି ଓ ଆମ ଭାଷାର ପ୍ରଚାର, ପ୍ରସାର ଓ ତା'ର ସୁରକ୍ଷା ଦାୟିତ୍ୱ ସମ୍ପାଦନ କରୁଥିବା ମଧୁସୂଦନ ନଗରରେ ଅବସ୍ଥିତ ରାଜଧାନୀ ପାଠାଗାର ଆନୁକୂଲ୍ୟରେ ଶ୍ରୀ ବଦ୍ରିନାରାୟଣ ମିଶ୍ର (ଟୁବୁରୁ)ଙ୍କ ନେତୃତ୍ୱରେ ସ୍ଥାନୀୟ ତାରିଣୀ ମନ୍ଦିରରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଗତ ଡିସେମ୍ବର ୨୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ବସ୍ତିବାସିନ୍ଦାମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ବାରିକ, ପ୍ରଶାନ୍ତ ପାଣି, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଡିସେମ୍ବର ୨୨ ତାରିଖରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଉପସ୍ଥିତରେ ବସ୍ତିବାସିନ୍ଦାମାନଙ୍କୁ ଏହି କମ୍ବଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜଧାନୀ ପାଠାଗାରର ସଦସ୍ୟମାନେ ଏବଂ ସୋଲାର କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ । ବଦ୍ରିନାରାୟଣ ମିଶ୍ରଙ୍କ ଏହି ସେବାପରାୟଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ବସ୍ତିବାସିନ୍ଦାମାନେ ଭୂରି ଭୂରି ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଅଙ୍ଗନବାଡ଼ି କେନ୍ଦ୍ରର ପିଲାମାନଙ୍କ ପାଇଁ ଏହିଭଳି କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ମିଶ୍ର ଜଣାଇଛନ୍ତି ।

# କେତେ ସୁରକ୍ଷିତ ଜୈବିକ ଖାଦ୍ୟ ?



ଭୁବନେଶ୍ୱର (ପିଏନ୍): ପନିପରିବାକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ କୃଷି କ୍ଷେତ୍ରରେ କୀଟନାଶକ ଔଷଧର ବ୍ୟବହାର କରାଯାଉଛି । ହେଲେ ଏହି ରାସାୟନିକ ଔଷଧର ଖରାପ ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବାରୁ ଏବେ ଜୈବିକ ପନିପରିବା ଉତ୍ପାଦନ କରାଯାଉଛି । ରାସାୟନିକ ସାର, ବଦଳରେ ଜୈବିକ ସାର ଦେଇ ଉତ୍ପାଦନ କରାଯାଉଛି ପନିପରିବା ଓ ଫଳ ଇତ୍ୟାଦି । ନିକଟରେ ଏକ ସ୍ୱାସ୍ଥ୍ୟ ପତ୍ରିକାର ଅଧ୍ୟୟନରୁ ଯାହା ଜଣାଯାଏ ଜୈବିକ ପନିପରିବାରେ ଯେତିକି ମାତ୍ରାରେ କୀଟନାଶକ ବ୍ୟବହାର କରାଯାଉଛି, ତାଠାରୁ ଢ଼େର ଗୁଣା କମ୍ କୀଟନାଶକ ଅଣ-ଜୈବିକ ପନିପରିବାରେ ବ୍ୟବହାର କରାଯାଉଛି । ଦିନସାରା ଅବିରତ କାମ କରିବା ପାଇଁ ଶରୀରକୁ ଦରକାର ଶକ୍ତି । ସୁଷମ ଖାଦ୍ୟ ହିଁ ଶରୀରକୁ ଶକ୍ତି ଯୋଗାଇବା ସହିତ ଆମକୁ ସତେଜ ରଖିଥାଏ । କିନ୍ତୁ ଆଜିକାଲି ବଜାରରେ ଯେଉଁସବୁ ପନିପରିବା, ଫଳ ଆଦି ମିଳୁଛି ତାହା କେତେ ଶୁଦ୍ଧ ତାହା ଆମେ ଜାଣିନାହୁଁ । ଚାଷ ସମୟରେ ଅଧିକ ଅମଳ ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ପ୍ରୟୋଗ କରିଥାଆନ୍ତି । ପନିପରିବା ଓ ଫଳମୂଳ ଚାଷ ହେବା ସମୟରେ ଯେଉଁ କୀଟନାଶକ ଔଷଧ ବ୍ୟବହାର କରାଯାଏ ତାହା ପରିବା ଉତ୍ପାଦନ ହେବା ପର୍ଯ୍ୟନ୍ତ ସେଥିରେ ରହିଥାଏ । ଆମେ ଏଗୁଡ଼ିକୁ ଖାଇବା ପରେ ଏହା ଆମ ଶରୀର ମଧ୍ୟକୁ ଯାଇ ନାନା ରୋଗ ସୃଷ୍ଟି କରିଥାଏ । କିନ୍ତୁ ଆମେ ତାହା ଜାଣିବା କଷ୍ଟକର ହୋଇଥାଏ । ପନିପରିବା ଫଳମୂଳରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ଉପରେ ନିକଟରେ ଏକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି । ସାଧାରଣତଃ ଯେଉଁ ଲୋକ ବିଷପାନ କରିଥାଏ ସେ ବିଷକୁ ବାହାର କରିବା ପାଇଁ ପଟାସିୟମ ପରମାଙ୍ଗାନେଟ ପାଣି ଉକ୍ତ ବ୍ୟକ୍ତିଙ୍କୁ ଦେଲେ ତାଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ । କିଛି ପରିମାଣର ପଟାସିୟମ ପରମାଙ୍ଗାନେଟ ପକାଇ ସେଥିରେ ସବୁଜ ପନିପରିବାକୁ ପକାନ୍ତୁ । ମାତ୍ର ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ପରିବାରେ ଥିବା ବିଷାକ୍ତ ପଦାର୍ଥ ପୃଥକ ହୋଇଯିବ । ଏହା ସହ ବାଇଗଣୀ ରଙ୍ଗର ପଟାସିୟମ ପାଣି ସଙ୍ଗେ ସଙ୍ଗେ ଧଳା ହୋଇଯିବ । ସାଧାରଣତଃ ଆମେ ଯେଉଁ ପନିପରିବା ଓ ଫଳମୂଳ ଖାଉଛେ ସେଥିରେ ୯୯ ପ୍ରତିଶତ ବିଷାକ୍ତ ପଦାର୍ଥ ରହିଛି । ଅଧିକ ଅମଳ ପାଇଁ ପନିପରିବା, ଫଳ ଆଦି ଚାଷ ସମୟରେ କୀଟନାଶକ ପ୍ରୟୋଗର ଆବଶ୍ୟକତା ରହିଛି । ଯେଉଁମାନେ ପନିପରିବା, ଫଳ ଆଦି ଉତ୍ପାଦନ କରନ୍ତି ସେଗୁଡ଼ିକରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ନଜାଣି ସିଧାସଳଖ ତୋଳି ବଜାରରେ ବିକ୍ରି କରିଥାନ୍ତି । କିନ୍ତୁ କୀଟନାଶକ ପଦାର୍ଥ ଜୈବିକ ହେଲେ କୌଣସି ସମସ୍ୟା ନାହିଁ । କିନ୍ତୁ ଚାଷୀମାନଙ୍କ ମଧ୍ୟ ସଚେତନତା ଅଭାବରୁ ସେମାନେ ରାସାୟନିକ କୀଟନାଶକ ବ୍ୟବହାର କରୁଛନ୍ତି । ଯାହା କେବଳ ପ୍ରାଣୀ ଜଗତ ପାଇଁ କ୍ଷତିକାରକ ତାହା ନୁହେଁ ପରିବେଶ ପାଇଁ ମଧ୍ୟ ହାନିକାରକ । ସେହିପରି ଶାଗଜାତୀୟ ଫସଲ ବୃଦ୍ଧି ନିମନ୍ତେ ଚାଷୀମାନେ ୟୁରିଆକୁ ପତ୍ର ଛିଞ୍ଚା କରି ସ୍ୱଳ୍ପ ଦିନ ବ୍ୟବଧାନରେ ବଜାରରେ ବିକ୍ରି କରିଥାନ୍ତି । ଏଥିରେ ଥିବା ୟୁରିଆ ବିଭିନ୍ନ ପେଟ ରୋଗର କାରଣ ହୋଇଥାଏ । ସେହିପରି ବଜାରରୁ କିଣିଥିବା ଲଙ୍କା, ବନ୍ଧାକୋବି, ଧନିଆପତ୍ର, ପୋଦିନାପତ୍ର, ଫୁଲକୋବି ଆଦି ପନିପରିବାରେ ବହୁ ପରିମାଣରେ ବିଷଥିବା ନେଇ ବିଭିନ୍ନ ଜର୍ଣ୍ଣାଲରେ ଗବେଷଣାତ୍ମକ ଲେଖା ପ୍ରକାଶ ପାଇଛି । ଏପରିକି କଞ୍ଚା ଖାଉଥିବା ପିଆଜରେ ମଧ୍ୟ ବିଷାକ୍ତ ପଦାର୍ଥ ଥିବା ଜଣାପଡ଼ିଛି । ଏହି ବିଷ ପ୍ରୟୋଗ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡ଼ି କୀଟପତଙ୍ଗ ଓ ପଶୁପକ୍ଷୀମାନେ ଏହାକୁ ଖାଇ ବିଲୁପ୍ତ ହେବାରେ ଲାଗିଲେଣି । ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଅଣ-ଜୈବିକ ପନିପରିବା ପରିବର୍ତ୍ତେ ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ । ପନିପରିବାକୁ ସତେଜ ଏବଂ ରୋଗମୁକ୍ତ କରି ରଖିବା ପାଇଁ ଅନେକ ଜୈବିକ ଫାର୍ମଗୁଡ଼ିକରେ ମାତ୍ରାଧିକ କୀଟନାଶକ ବ୍ୟବହାର କରାଯାଉଛି । ଏବଂ ସେହି ମାତ୍ରାଧିକ କୀଟନାଶକ ମିଶା ପନିପରିବାକୁ ରାସାୟନିକ ସାର ମୁକ୍ତ ବା ଜୈବିକ ପନିପରିବାର ଟ୍ୟାଗ ଲଗାଇ ଲାଭ ପାଇଁ ବଜାରରେ ଅଧିକ ଟଙ୍କାରେ ବିକ୍ରି କରାଯାଉଛି । ଅନ୍ୟ ଅର୍ଥରେ କହିଲେ ଲୋକମାନେ ଯେଉଁ ଜୈବିକ ପରିବାକୁ ବହୁତ ସୁରକ୍ଷିତ ଭାବୁଥିଲେ ତାହା ଏବେ ମିଛ ବୋଲି ପ୍ରମାଣିତ ହୋଇଯାଇଛି । ତେବେ ଏ ସମ୍ପର୍କରେ ଭାରତୀୟ ଶସ୍ୟ ସୁରକ୍ଷା ସଂସ୍ଥାନ ପକ୍ଷରୁ ସୂଚନା ଅଧିକାରକୁ ଯେଉଁ ପ୍ରଶ୍ନ କରାଯାଇଥିଲା ତାର ଉତ୍ତରରେ ଜାଣିବାକୁ ମିଳିଛି ଯେ ରାଜଧାନୀ ଦିଲ୍ଲୀର ବଜାରରେ ବିକ୍ରି ହେଉଥିବା ଜୈବିକ ପନିପରିବାର ୩୩ ପ୍ରତିଶତ ହେଉଛି କୀଟନାଶକଯୁକ୍ତ ପନିପରିବା । ତେବେ ଏହି ଜୈବିକ ଖାଦ୍ୟରେ କେତେ ମାତ୍ରାରେ କୀଟନାଶକ ମିଶିଛି ସେ ସମ୍ପର୍କରେ ଜାଣିବା ପାଇଁ ଭାରତୀୟ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଦିଲ୍ଲୀର ଲୋଧି ରୋଡ଼ସ୍ଥିତ ମେହେର ଚାନ୍ଦ ବଜାରରେ ଦୋକାନଗୁଡ଼ିକରୁ ଜୈବିକ ପନିପରିବାର ନମୁନା ନିଆଯାଇଥିଲା । ଜାନୁଆରୀ ୨୦୧୨ରୁ ଅକ୍ଟୋବର ୨୦୧୪ ମଧ୍ୟରେ ୧୫୦ଟି ପରିବା ନମୁନା ନିଆଯାଇ ପରୀକ୍ଷା କରାଯାଇଥିଲା । ସମୁଦାୟ ନମୁନାର କୀଟନାଶକର ମାତ୍ରା ମାକ୍ସିମମ୍ ରିସିଡ୍ୟୁ ଲେଭେଲ୍ ଠାରୁ ୬.୬ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି । ଯେତେବେଳେ କି ଅଣଜୈବିକ ପନିପରିବାରେ କୀଟନାଶକର ମାତ୍ରା ଏମ୍‌ଆରଏଲ୍ ଠାରୁ ୨.୭ ପ୍ରତିଶତ ଏବଂ ଜୈବିକ ଫଳରେ ଏହାର ମାତ୍ରା ୦.୮ ପ୍ରତିଶତ ଅଧିକ ରହିଛି । ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ଥିବା ଜୈବିକ ପନିପରିବା ପ୍ରକୃତରେ ଯେ କେତେ କ୍ଷତିକାରକ ତାହା ଏହି ପରୀକ୍ଷାରୁ ଜଣାପଡ଼ି ଯାଇଛି । ପରୀକ୍ଷା କରାଯାଇଥିବା ଜୈବିକ ପନିପରିବାରେ ଏସିଟାମିପ୍ରିଡ୍, କ୍ଲୋରପିରିଫସ୍, ସିପରମିଥ୍ରିନ୍, ଫ୍ଲୁବେନ୍‌ଡିଆମାଇଡ଼୍ ଏବଂ ପ୍ରୋଫିନୋଫୋସ୍ ପରି ବିଷାକ୍ତ କୀଟନାଶକ ମିଶିଥିବାର ଜଣାପଡ଼ିଛି । ବିଶେଷ କରି କ୍ଲୋରଫିରିଫସ୍, ସିପରମିଥ୍ରିନ୍, ଏହି ଦୁଇଟି କୀଟନାଶକର ମାତ୍ରା ଅଧିକ ରହିଥିବାର ଦେଖାଯାଇଛି । ମନୁଷ୍ୟ ଶରୀରରେ କ୍ଲୋରପିରିଫସ୍‌ର ମାତ୍ରା ଅଧିକ ରହିଲେ ବିକାଶରେ ବାଧା ସୃଷ୍ଟି ହୁଏ, ଏହି ବିଷାକ୍ତ ପଦାର୍ଥ ଲୋକର ରୋଗ ପ୍ରତିରୋଧକ ଶକ୍ତିକୁ କମାଇ ଦିଏ । ସେହିପରି ସିପରମିଥ୍ରିନ୍ କୀଟନାଶକ ଦ୍ୱାରା ମୁଣ୍ଡବ୍ୟଥା, ଦୁର୍ବଳ ମାଂସପେଶୀ, ଶ୍ୱାସକ୍ରିୟାଜନିତ ଅସୁବିଧା ହୋଇଥାଏ । ଜୈବିକ ପନିପରିବା ଖାଇବା ଶରୀର ପ୍ରତି ଲାଭଦାୟକ ସତ କିନ୍ତୁ ସେଗୁଡ଼ିକ ପ୍ରକୃତରେ ଜୈବିକ ଉପାୟରେ ଉତ୍ପାଦିତ ହେଉଛି ନା ନାହିଁ ତାହାକୁ ତଦାରଖ କରିବା ସରକାରଙ୍କ ଦାୟିତ୍ୱ । ତେବେ ଏ କ୍ଷେତ୍ରରେ ସରକାରଙ୍କ ଉପରେ ଦୋଷ ଲଦିଲେ ଚଳିବନି କାରଣ ଏହି ଦାୟିତ୍ୱ ସବୁ ଆମ୍ଭମାନଙ୍କର ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)**

## ଦେବଭାଇ ଏକ ବିସ୍ମୟ ପ୍ରତିଭା: ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିଙ୍କ ବକ୍ତବ୍ୟ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଓଡ଼ିଶାର ବିଶିଷ୍ଟ ଜନନେତା, ଓଡ଼ିଶାରେ ବିଜେପି ଦଳର ପ୍ରତିଷ୍ଠାତା, ସାଧାରଣ ସମ୍ପାଦକ, ପ୍ରଚଣ୍ଡ ସ୍ୱାଭିମାନୀ ଦେବେନ୍ଦ୍ରପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଯେ, ଦେବେନ୍ଦ୍ର ପ୍ରସାଦ ଦାସ ଥିଲେ ପ୍ରକୃତରେ ଉତ୍କଳ ଓ ଚେତନାର ମଣି । ସେ ଓଡ଼ିଶା ଭାଷା ସାହିତ୍ୟ ପାଇଁ ନିଜକୁ ସମର୍ପଣ କରିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ସାମଲ କହିଲେ ଯେ, ସମାଜରୁ ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ ତାଙ୍କର ସଂଗ୍ରାମ ଆମକୁ ସବୁବେଳେ ମନେରଖିବ । ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଡଃ ବିମଳେନ୍ଦୁ ମହାନ୍ତି, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ପ୍ରାଧ୍ୟାପକ ନରେନ୍ଦ୍ର ପ୍ରସାଦ ଦାସ, କମାଣ୍ଡର ନନ୍ଦକିଶୋର ସାମଲ, ପ୍ରଫେସର ବିରେନ୍ଦ୍ର ପ୍ରସାଦ ଦାସ, ସ୍ତମ୍ଭକାର ତୁଷାରକାନ୍ତ, ଦେବେନ୍ଦ୍ର ପୃଷ୍ଟି, ପ୍ରବୀର ମହାନ୍ତି, ପଦ୍ମଚରଣ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ଦେବଭାଇ ଏକ ବିସ୍ମୟ ପ୍ରତିଭା ଥିଲେ ବୋଲି କହିଥିଲେ ।

## ୮୭ ବର୍ଷର ବୃଦ୍ଧଙ୍କୁ ମିଳୁନି ଭତା

କେନ୍ଦୁଝର (ପିଏନ୍): ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଭତା ଦେବାକୁ ନିୟମ କରାଯାଇଛି । ଏହି ଭତା ଯୋଜନାଟି ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟାଇ ଆଦୃତ ହୋଇଛି । ବୃଦ୍ଧକାଳରେ ପୁଅବୋହୂ ପଚାରନ୍ତୁ କି ନ ପଚାରନ୍ତୁ ସେଥିପ୍ରତି ଧ୍ୟାନ ନଦେଇ ଭତା ଟଙ୍କାରେ ନିଜର ଦୈନନ୍ଦିନ ଖର୍ଚ୍ଚ ହୋଇ ଯାଉଥିବାରୁ ଖୁସି ମଣିଥା'ନ୍ତି । ଏହାକୁ ନେଇ ବୃଦ୍ଧ କାଳରେ ଭତାଟିଏ ପାଇବା ପାଇଁ ଅନାଇ ବସିଥାନ୍ତି । କିନ୍ତୁ ହାଟଡିହି ବ୍ଲକ ପଡ଼ିଆରୀପଲୀ ପଂଚାୟତ ଜାମବଣୀ ଗ୍ରାମର ରନବାହାଦୁର (୮୭)ଙ୍କୁ ଏ ଯାବତ ଭତାଟିଏ ମିଳିପାରିନାହିଁ । ବହୁବାର ଭତାପାଇଁ ଆବେଦନ କରିଥିଲେ ମଧ୍ୟ ଭତା ଫର୍ମଟି ବହୁ ସମୟରେ ହଜିଯାଇଥାଏ ଏବଂ ସେ ଫର୍ମଟି ମଧ୍ୟ କାର୍ଯ୍ୟାଳୟରେ ଆଉ ମିଳେନାହିଁ । ଗୋଟିଏ ଫର୍ମକୁ ପୂରଣ କରି ବିଭିନ୍ନ ଅଧିକାରୀଙ୍କଠାରୁ ଦସ୍ତଖତ କରାଇ ତାକୁ ଜେରକ୍ସ କରି କାର୍ଯ୍ୟାଳୟରେ ପେଠ କରିବା ବୃଦ୍ଧବୃଦ୍ଧାଙ୍କ ପାଇଁ ବହୁ କଷ୍ଟ । ନିର୍ବାଚିତ ପ୍ରତିନିଧିମାନେ ଏଥିପ୍ରତି ଧ୍ୟାନ ଦେଇ ନ ଥାନ୍ତି । ଯେଉଁଥିପାଇଁ ବହୁ ବୟସ୍କ ବୃଦ୍ଧବୃଦ୍ଧା ଭତା ପାଇବାରୁ ବଂଚିତ ହେଉଥିବା ବେଳେ ବହୁ କମ୍ ବୟସର ହିତାଧିକାରୀ ଭତା ପାଇଥାନ୍ତି । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ବୟସ୍କ ବୃଦ୍ଧବ୍ୟକ୍ତିଙ୍କୁ ଭତାଟିଏ ଯୋଗାଇ ଦେବାକୁ ଦାବୀ ହୋଇଛି ।

# ଜଣେ ମହିୟସୀ ନାରୀ ନୀରଦପ୍ରଭା ସିଂହସାମନ୍ତ



ଯେଉଁସବୁ ମହତଗୁଣ ନାରୀ ଚରିତ୍ରରେ ପ୍ରକଟିତ ହେଲେ ନାରୀଟି ସମାଜର ଆଦରଣୀୟା ହୁଏ, ଆଦର୍ଶ ହୁଏ, ସେହିସବୁ ଗୁଣର ଅଧିକାରିଣୀ ଥିଲେ ନୀରଦପ୍ରଭା ସିଂହସାମନ୍ତ । ତାଙ୍କର ଜନ୍ମ ହୋଇଥିଲା ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ । ବଣ ପାହାଡ଼ ଘେରା ଏହି ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ତାଙ୍କର ପିତାଙ୍କ ନାମ ହରେକୃଷ୍ଣ ସିଂହସାମନ୍ତ । ଏକ ସମ୍ଭ୍ରାନ୍ତ ରାଜପରିବାରରେ ନୀରଦପ୍ରଭାଙ୍କ ଜନ୍ମ ହୋଇଥିଲେ ମଧ୍ୟ ଚଳଣିରେ ଥିଲେ ଅତି ସାଧାରଣ । ସେ ସମୟରେ ନାରୀମାନଙ୍କ ଶିକ୍ଷା ପ୍ରତି ପିତାମାତା ଏତେ ଧ୍ୟାନ ଦେଉନଥିଲେ । ନୀରଦପ୍ରଭାଙ୍କ ଅବସ୍ଥା ମଧ୍ୟ ସେଇଆ ହୋଇଥିଲା । ସେ କିନ୍ତୁ ତାଙ୍କର ଇଚ୍ଛାଶକ୍ତି ଅଧିକ ଅଧ୍ୟୟନ ପାଇଁ ଆଗ୍ରହ ଯୋଗୁଁ ମଙ୍ଗଳପୁର ପ୍ରାଇମେରୀ ସ୍କୁଲରୁ କଟକର ଶୈଳବାଳା ମହିଳା କଲେଜ ପର୍ଯ୍ୟନ୍ତ ଆସିପାରିଥିଲେ । ଘରୋଇ ଭାବେ ଏମ୍‌ଏ ପାସ କରିଥିଲେ । ରାଧାନାଥ ଟ୍ରେନିଂ କଲେଜରୁ ବିଏଡ୍ ପାଶ କରି ଭୁବନ ବାଳିକା ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ପାଇଥିଲେ । ନିଜର କର୍ମନିଷ୍ଠା ଓ ଅଧ୍ୟାପନାରେ ଚମତ୍କାରିତା ପାଇଁ ସେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକମାନଙ୍କର ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇଥିଲେ ।

ସବୁ ମଣିଷଙ୍କୁ ଭଲ ପାଇଥିବା, ଅସୁବିଧାରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା, ପର ଦୁଃଖ ଦେଖିଲେ ବିଚଳିତ ହୋଇ ପଡ଼ିବା ତାଙ୍କର ଜୀବନର ଧର୍ମ ଥିଲା । କୌଣସି ଛାତ୍ରଛାତ୍ରୀ ରୋଗରେ ପଡ଼ିଲେ ଖବର ପାଇବାମାତ୍ରେ ତା' ଘରକୁ ଯାଇ ତା' ପାଇଁ ଔଷଧର ବ୍ୟବସ୍ଥା କରିବା, ଆର୍ଥିକ ସାହାଯ୍ୟ କରିବା ଏସବୁ ତାଙ୍କର ମହତଗୁଣ ଥିଲା । ସାହିତ୍ୟ ସର୍ଜନା କରିବାର ବୀଜଟି ତାଙ୍କ ଭିତରେ ଲୁଚି ରହିଥିଲା । ସମୟକ୍ରମେ ତାହା ବିକଶିତ ହେଲା । ଶିଶୁ କବିତା, ବଡ଼ମାନଙ୍କ ପାଇଁ କବିତା, ଗଳ୍ପ, ପ୍ରବନ୍ଧ ସବୁ ବିଭାଗରେ ସେ ଲେଖନୀ ଚଳାଇଲେ । ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବା ପାଇଁ ଭୁବନଠାରେ ବାଣୀ ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ କରି କଟକରୁ ବଡ଼ ବଡ଼ ସାହିତ୍ୟିକମାନଙ୍କୁ ନିମନ୍ତ୍ରଣ କରି ସେଠାରେ ଆଡ଼ମ୍ବର ସହକାରେ ଉତ୍ସବ ପାଳନ କରୁଥିଲେ । ଶିକ୍ଷା ଅନୁଷ୍ଠାନ, ସାହିତ୍ୟ ଅନୁଷ୍ଠାନ ନୂଆକରି ଗଢ଼ିବାରେ ତାଙ୍କର ବହୁତ ଆଗ୍ରହ ଥିଲା ।

୨୦୦୩ ମସିହାରେ ଅବସର ଗ୍ରହଣ ପରେ ସେ କଟକ ଆସିଲେ ଏବଂ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରେ ଯୋଗଦେଲେ । ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ସ୍ମୃତି କମିଟିର ସଭାପତି ଥିଲେ ଡଃ ବିଚିତ୍ରାନନ୍ଦ ମହାନ୍ତି । ସେ ତାଙ୍କୁ ସେଇ ସ୍ମୃତି କମିଟିର ସଭ୍ୟା କରିଥିଲେ । ଡଃ. ବିଚିତ୍ରାନନ୍ଦ ମହାନ୍ତି ମୋ' ସହିତ ତାଙ୍କ ପରିଚୟ କରାଇ ଦେଇ କହିଥିଲେ ତାଙ୍କ ବହିପତ୍ର ଛାପା ଛାପିରେ ଟିକିଏ ସାହାଯ୍ୟ କରିବ । ସେଇଦିନରୁ ତାଙ୍କ ସହିତ ମୋର ଆତ୍ମୀୟତା ବଢ଼ିଯାଇଥିଲା । ତାଙ୍କ ଲିଖିତ କେତେଖଣ୍ଡ ବହି ଲେଖକ ସହଯୋଗ ସମିତି ମାଧ୍ୟମରେ ପ୍ରକାଶ କରିଥିଲି । 'ନାରୀ ଜୀବନର ସାର୍ଥକତା ଓ ଅନ୍ୟାନ୍ୟ ପ୍ରବନ୍ଧ', 'ମୋ ଜୀବନ କଥା' ଏହି ଦୁଇଟି ଅତ୍ୟନ୍ତ ଉଚ୍ଚକୋଟୀର ପୁସ୍ତକ ଯାହା ପ୍ରତ୍ୟେକ ପାଠକଙ୍କୁ ଅଭିଭୂତ କରିବ । ସାହିତ୍ୟ ଦିଗକୁ ଛାଡ଼ିଲେ ତାଙ୍କ ଚରିତ୍ରର ଅନନ୍ୟ ବୈଶିଷ୍ଟ୍ୟ ହେଲା ଅତ୍ୟନ୍ତ ଧର୍ମପରାୟଣା, ଦାନଶୀଳା । ଓଡ଼ିଶାର ବିଭିନ୍ନ ଧର୍ମ ଅନୁଷ୍ଠାନ ଏବଂ ସାହିତ୍ୟ ଅନୁଷ୍ଠାନକୁ ସେ ବହୁଭାବରେ ସାହାଯ୍ୟ କରନ୍ତି । କେହି ତାଙ୍କ ପାଖରୁ ରିକ୍ତ ହସ୍ତରେ ଫେରେନାହିଁ । ସମାଜସେବା କ୍ଷେତ୍ରରେ ମଧ୍ୟ ସେ ବହୁ ସେବାମୂଳକ କାର୍ଯ୍ୟ କରିଛନ୍ତି । ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କର ସେ ଆଶ୍ରିତ ଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗୁରୁଙ୍କର ପୂଜା ଅର୍ଚ୍ଚନା କରୁଥିଲେ । ତାଙ୍କର ଜୀବନଶୈଳୀ ଅତ୍ୟନ୍ତ ନିରାଡ଼ମ୍ବର ଥିଲା । ତାଙ୍କର ମହନୀୟ ଚରିତ୍ର ଓ ଗୁଣାବଳୀ ଆଜିର ନାରୀମାନଙ୍କର ଗ୍ରହଣୀୟ ହେଲେ ସମାଜ ବଦଳନ୍ତା, ଆମ ସମସ୍ତଙ୍କର ମଙ୍ଗଳ ହୁଅନ୍ତା ।

**ରଘୁନାଥ ମହାପାତ୍ର, ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ: ୯୨୩୮୬୩୨୭୫୦**

# ଜାତୀୟସ୍ତରୀୟ ଜନରାଜ୍ୟ ଦିବସ ପରେଡ୍‌ରେ ପ୍ରଦର୍ଶିତ ହେବ ଓଡିଶାର ପ୍ରଜ୍ଞାପନ ମେଢ

ଭୁବନେଶ୍ୱର (ପିଏନ୍): ଆଗାମୀ ୨୦୨୦ ଜନରାଜ୍ୟ ଦିବସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ପରେଡ୍‌ରେ ଓଡିଶାର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ପ୍ରକାଶ ଥାଉଛି ପ୍ରତିବର୍ଷ କେନ୍ଦ୍ର ପ୍ରତିରକ୍ଷା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟକୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ ନିମନ୍ତେ ପ୍ରସ୍ତାବ ଆହ୍ୱାନ କରାଯାଇଥାଏ । ତନ୍ମଧ୍ୟରୁ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଜ୍ଞାପନ ମେଢଗୁଡିକ ଜନରାଜ୍ୟ ଦିବସ ପରେଡ୍‌ରେ ସ୍ଥାନିତ ହୋଇଥାଏ ।

ଚଳିତ ବର୍ଷ ମଧ୍ୟ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ତଦନୁଯାୟୀ ପ୍ରସ୍ତାବ ଦିଆଯାଇଥିଲା । ଏଥିମଧ୍ୟରୁ ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରଜ୍ଞାପନ ମେଢ ଯୋଗ୍ୟ ବିବେଚିତ ହୋଇଛି । ଖୁସିର କଥା ଯେ, ତନ୍ମଧ୍ୟରେ ଓଡିଶାର ପ୍ରଜ୍ଞାପନ ମେଢ ସ୍ଥାନିତ ହୋଇଛି । ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ୬ ଗୋଟି ବିଷୟବସ୍ତୁ ମଧ୍ୟରୁ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ଓଡିଶାର ସ୍ଥାପତ୍ୟ ଓ ଲୋକ ସଂସ୍କୃତି ଉପରେ ଆଧାରିତ ପର୍ବ' ଡିଜାଇନ୍‌ଟି ଜାତୀୟ ସ୍ତରର ବିଚାରକମଣ୍ଡଳୀଙ୍କୁ ଆକୃଷ୍ଟ କରିଥିଲା । ଓଡିଶା ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଏହି ଡିଜାଇନ୍‌କୁ ପ୍ରଜ୍ଞାପନ ମେଢରେ ପୂର୍ଣ୍ଣ ବିକଶିତ କରାଯାଇ ଜନରାଜ୍ୟ ଦିବସରେ ପ୍ରଦର୍ଶିତ କରାଯିବ ବୋଲି ବିଭାଗ ତରଫରୁ ପ୍ରକାଶ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝର ସଦର ମହକୁମାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ




କେନ୍ଦୁଝର(ପିଏନ) : କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଗୁରୁବାର ଦିନ ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସକାଳେ କେନ୍ଦୁଝର ଟାଉନ ଥାନା ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଶାଳ ପ୍ରତିମୂର୍ତିରେ ଦଳର ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିବା ସହ ସହର ପରିକ୍ରମା କରିଥିଲେ । ଏହାପରେ କରଞ୍ଜିଆ ବସଷ୍ଟାଣ୍ଡ ନିକଟସ୍ଥ ପୁରାତନ ବିଜେଡି କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ବିଜେଡି ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ସଭାପତି ଦେବ ସାହୁଙ୍କ ଅକାଳ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଏହି ସଭାରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର ସଭାପତିତ୍ୱ କରିଥିବାବେଳେ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାରରେ ମହିଳାମାନଙ୍କୁ ସମ୍ମାନ ଓ ଗାଁକୁ କାମ ମିଳୁଥିବା କଥା ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ବକ୍ତବ୍ୟ ପ୍ରସଙ୍ଗରେ ମହିଳାମାନଙ୍କୁ ସମ୍ମାନ ଦେବାରେ ସମଗ୍ର ଦେଶରେ ବିଜୁ ଜନତା ଦଳ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ । ବିଜେଡି ରାଜ୍ୟ ସଂପାଦକ ଆଶିଷ ଚକ୍ରବର୍ତୀ ନିଜ ବକ୍ତବ୍ୟରେ କେନ୍ଦୁଝର ଜିଲ୍ଲାରେ ବହୁ ବାଧାବିଘ୍ନ ସତ୍ୱେ ବିଜେଡି ସଂଗଠନ ଏକ ନମ୍ବର ହୋଇ ରହିଛି ବୋଲି କହିବା ସହିତ ଆଜିର ଦିବସ ସଂକଳ୍ପ ଦିବସରେ ପରିଣତ ହେଉ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ଯୁବ ବିଜେଡି ସଭାପତି ସୌମ୍ୟଶଙ୍କର ଚକ୍ର ନିଜ ବକ୍ତବ୍ୟରେ ଦଳର ଯୁବ, ଛାତ୍ର, ମହିଳା, ପୁରୁଖା ଓ ନିଷ୍ଠାପର କର୍ମୀମାନେ ଏକତ୍ରିତ ହୋଇ ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । କୃଷକମାନଙ୍କର ଅର୍ଥନୈତିକ ବିକାଶ ଏହି ସରକାରରେ ସମ୍ଭବ ହୋଇପାରିଛି ବୋଲି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି ପ୍ରକାଶ କରିଥିଲେ । ଏହି ପ୍ରତିଷ୍ଠା ଦିବସରେ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ବାଂଶପାଳ ବ୍ଲକର ଯୁବ ବିଜେଡି ନେତା ତଥା ଜିଲ୍ଲା ସଂପାଦକ ଅଞ୍ଜନ କୁମାର ବେଜ, ପୂର୍ବତନ ରାଜ୍ୟସଭା ସଦସ୍ୟ ରାହାସବିହାରୀ ବାରିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମରାୟ ମୁନ୍ଦୁୟା, ପୂର୍ବତନ ନଗରପାଳ ମୀନା ମାଝୀ, ଅନୁସୂଚିତ ଜାତି ସେଲର ଅଧ୍ୟକ୍ଷ ଭରତ ଚନ୍ଦ୍ର ପାତ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ରୀନା ବାରିକ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଜଗନ୍ନାଥ ସିଂ, ଚକ୍ରଧର ପରିଡା, ତାହିର ହୋସେନ, ହରମୋହନ ସୋରେନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପ୍ରତିଷ୍ଠା ଦିବସର ବାର୍ତା ଓ କର୍ମୀମାନଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ ।

# ୨୬ତମ ବାର୍ଷିକ ଶିଶୁ ମହୋତ୍ସବ ଉଦ୍‌ଯାପିତ



ଚଣ୍ଡିଖୋଲ ୨୭/୧୨(ପିଏନ)- ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣୀ ଶିଶୁମେଳା ସମିତି, ବଡ଼ଚଣା ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚଣ୍ଡିଖୋଲ ନୂଆ ସୁଙ୍ଗୁଡ଼ା ପରିସରରେ ଏକ ମନୋଜ୍ଞ ପରିବେଶରେ ୨ଦିନ ବ୍ୟାପି ଜିଲ୍ଲାସ୍ତରୀୟ ୨୬ତମ ଶିଶୁ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମେଳା ସମିତି ଅଧକ୍ଷ ଅଭିମନ୍ୟୁ ଧଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହାର ଉଦଘାଟନୀ ଉତ୍ସବରେ ଧର୍ମଶାଳାର ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ରବିଲାବଣ୍ୟ ଉଦଘାଟକ ଭାବେ ଯୋଗଦାନ କରିଥିବା ସ୍ଥଳେ ଡଃ ରବୀନ୍ଦ୍ର ନାରାୟଣ ବେହେରା (ବୈଜ୍ଞାନିକ) ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଅନାମ ମୁନୀ, ସମ୍ମାନୀତ ଅତିଥି ଭାବେ ଦର୍ପଣ ତହସିଲଦାର ଶ୍ରୀଯୁକ୍ତ ବରଣ୍ୟେନ୍ଦୁ ମହାନ୍ତି, ପ୍ରଧ୍ୟାପକ ସତ୍ୟବ୍ରତ ପୃଷ୍ଟି (ଅଧକ୍ଷ ବି.ଏସ. କଲେଜ, ନୂଆହାଟ), ଡଃ, ମାନସ ରଂଜନ ସାମଲ (ବୈଜ୍ଞାନିକ) ପ୍ରମୁଖ ଯୋଗ ଦାନ କରି ଶିଶୁ ମାନେ ଆମ ଦେଶ ଓ ଜାତିର ଅମୂଲ୍ୟ ସଂପଦ । ତେଣୁ ସେମାନଙ୍କ ସୁରକ୍ଷା ଆମ୍ଭମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ । ଶିଶୁ ବେଳା ମହତ ଉଦ୍ଦେଶ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଜ୍ୟୋତ୍ସ୍ନା ସାହୁ ସ୍ୱାଗତ ଭାଷଣ, ଅଧ୍ୟାପକ ଚନ୍ଦନ ପ୍ରଧାନ ବାର୍ଷିକ ବିବରଣୀ ପଠନ, ପ୍ରକାଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ନେତା ଧିରେନ୍ଦ୍ର ପରିଡ଼ା, ଯତୀନ୍ଦ୍ର ଦାଶ, ଦିନବନ୍ଧୁ ନାୟକ, ବିପିନ ବିହାରୀ ସ୍ୱାଇଁ, ଲକ୍ଷ୍ମୀ ଖମାରୀ, ଗୋଲକ ପରିଡ଼ା, ଯୁଧିଷ୍ଠିର ପରିଡ଼ା ପ୍ରମୁଖ ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦାନ କରିଥିଲେ । ଏହାର ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉଦଘାଟକ ଭାବେ ଯୋଗଦାନ କରିଥିବା ସ୍ଥଳେ ରାଜ୍ୟ ସରକାରଙ୍କ ସଦାଚାର କମିଟି ଅଧକ୍ଷ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟ ଅତିଥି, ଡଃ ପ୍ରଭାସ ଆଚାର୍ଯ୍ୟ ମୂଖ୍ୟ ବକ୍ତା, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପବିତ୍ର ମାହାଲା, ଡଃ କୁମରବର ନାୟକ ପ୍ରମୁଖ ଯୋଗଦାନ କରି ଶିଶୁ ମେଳା ସମିତିର ପ୍ରତିଭା ଅନ୍ୱେଷଣ ଅଭିଯାନ ନିଶ୍ଚିତ ଭାବେ ଅଭିନନ୍ଦନୀୟ ବୋଲି ମତ ପ୍ରକାଶ କରିଥିଲେ । ଶିଶୁ ପତ୍ରିକା 'ଶିଶୁ ସୌରଭ' ଉନ୍ମୋଚିତ ହୋଇଥିଲା । ସୁଶ୍ରୀ ପ୍ରିସିତା ଓ ଅର୍ଚ୍ଚନା ଚାମ୍ପିୟାନ ହୋଇଥିଲେ । ଉତ୍ସବ ପରିଚାଳନାରେ ରଂଜନ କୁମାର ବାରିକ, ସମସ୍ତ ଗୁରୁଜୀ ଓ ଗୁରୁମା. ରମାକାନ୍ତ ପଣ୍ଡା, ଅମ୍ରିତ ନାୟକ, ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ସୁରେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରିଟ୍ ତରଫରୁ ବାଲେଶ୍ୱର ସହରର ଉନ୍ନୟନ ପାଇଁ ମାଷ୍ଟର ପ୍ଲାନ



ବାଲେଶ୍ୱର(ପିଏନ)- ଆଗାମୀ ୨୫ ବର୍ଷକୁ ଆଖିରେ ରଖି ବାଲେଶ୍ୱର ସହରର ଜନସଂଖ୍ୟା, ମୌଳିକ ଆବଶ୍ୟକତା, ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଗୃହ ନିର୍ମାଣ ପ୍ରଭୃତିକୁ ନେଇ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗୁରଗାଓଁର ପ୍ଲାନ ପ୍ରସ୍ତୁତକାରୀ ସଂସ୍ଥା ମେସର୍ସ ଫିଡବ୍ୟାକ ଇନଫ୍ରା ପ୍ରାଇଭେଟ ଲିମିଟେଡର ବିଶେଷଜ୍ଞ ଶ୍ରୀ ସତ୍ୟଜିତ୍ ରାୟ ଗୁପ୍ତା ଓ ବିଜୟ କୁମାର ମହାନ୍ତି ଆଲୋକ ବିନ୍ଦୁ ମାଧ୍ୟମରେ ମାଷ୍ଟର ପ୍ଲାନର ରୂପରେଖ ଉପସ୍ଥାପନ କରିଥିଲେ । ଯୋଜନା ଅନୁଯାୟୀ ସହରର ପରିବର୍ଦ୍ଧିତ ରୂପରେଖରେ ଜନାକୀର୍ଣ୍ଣ ଅଂଚଳରେ ଅଧିକ ଅନ୍ତଃକରଣର ବିକାଶ ଓ ନିର୍ମାଣ ନ କରାଯାଇ ବର୍ତମାନର ସହର ବାହାରେ ମନୋରଞ୍ଜନ ପାର୍କ, ସ୍ପୋର୍ଟସ କମ୍ପ୍ଲେକ୍ସ, କଠିନ ବର୍ଯ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ସ୍ୱିରେଜ ବ୍ୟବସ୍ଥା, ଜଳଯୋଗାଣ ପ୍ରକଳ୍ପ, ରିଙ୍ଗ ରୋଡ ଭଳି ଅନେକ ଅତ୍ୟାଧୁନିକ ବ୍ୟବସ୍ଥାର ନିର୍ମାଣ ତଥା ବିକାଶ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ଏରିଆଲ ସର୍ଭେ କରାଯାଇ ଖାଲି ସ୍ଥାନ, ଜଳ ଉତ୍ସ, ସରକାରୀ ଜାଗା, ପତିତ ଜମି ପ୍ରଭୃତି ଚିହ୍ନଟ କରାଯାଇ ଏହି ମାଷ୍ଟର ପ୍ଲାନର ପ୍ରସ୍ତୁତି କରାଯାଇଛି । ଏଥି ସହିତ ଯେଉଁ ସବୁ ଆବଶ୍ୟକ ଭିତିଭୂମି ନାହିଁ ସେସବୁ ଉପରେ ଅଧିକ ଦୃଷ୍ଟି ପ୍ରଦାନ କରାଯାଇଛି । ବିଶେଷ କରି କ୍ରମ ବର୍ଦ୍ଧିଷ୍ଣୁ ଯାନବାହାନ ଏବଂ ଟ୍ରାଫିକ ବ୍ୟବସ୍ଥାକୁ ସୂଚାରୁ କରାଯିବା ପାଇଁ ଏକ ସୁଦୂର ଉପଯୋଗୀ ରିଙ୍ଗ ରୋଡ ପ୍ରସ୍ତାବନାକୁ ଯୋଜନାରେ ସାମିଲ କରାଯାଇଛି । ଏହା ପୂର୍ବରେ ବୁଢ଼ାବଳଙ୍ଗ ନଦୀକୁ ଦୁଇଟି ସ୍ଥାନରେ ଅତିକ୍ରମ କରିବା ସହ ଜାତୀୟ ରାଜପଥକୁ ଦୁଇଟି ସ୍ଥାନରେ ଅତିକ୍ରମ କରିବା ଏହି ପ୍ଲାନରେ ସ୍ଥାନୀତ କରାଯାଇଛି । ଏହି ମାଷ୍ଟର ପ୍ଲାନରେ ବାଲେଶ୍ୱର ପୌରପାଳିକା ସମେତ ଆଖପାଖର ୨୦୫ ଖଣ୍ଡ ଗାଆଁ ଓ ଏହି ଯୋଜନା ପରିସରଭୁକ୍ତ ହୋଇଛି । ତେବେ ଏଥିନେଇ ସ୍ଥାନୀୟ ଅଂଚଳରେ ଲୋକଙ୍କ ଯଦି କିଛି ଆପତି ଅଭିଯୋଗ ଥାଏ ତାହା ହେଲେ ତା ଉପରେ ବିଚାର କରାଯିବା ନିମନ୍ତେ ସୁଯୋଗ ରହିଥିବା ଏଥିରେ ଦର୍ଶାଯାଇଥିଲା । ଏହା ଏକ ବ୍ୟାପକ ମାଷ୍ଟର ପ୍ଲାନ ଏବଂ ଏହାପରେ ଜୋନସ୍ତରୀୟ ସବପ୍ଲାନ ପ୍ରସ୍ତୁତ କରାଯାଇ ପ୍ରକୃତ କାର୍ଯ୍ୟକାରୀ ଯୋଗ୍ୟ ପ୍ରକଳ୍ପଗୁଡିକୁ ସାମିଲ କରାଯିବ ବୋଲି ସ୍ପଷ୍ଟ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି, ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ତହସିଲଦାର, ପୌର ନିର୍ବାହୀ ଅଧିକାରୀ, ବ୍ରିଟ ସେକ୍ରେଟାରୀ ଶ୍ରୀ ନବୀନ ଚନ୍ଦ୍ର ସିଂ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ପର୍ଯ୍ୟଟନ ଅଧିକାରୀ ଶ୍ରୀ ଗଗନ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଶ୍ରୀ ଉମାକାନ୍ତ ଜେନା, ବିତ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ବ୍ରିଟର ଅଧିକାରୀଗଣ ଯୋଗ ଦେଇଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶୀତ ବସ୍ତ୍ର ବଣ୍ଟନ



ଚଣ୍ଡିଖୋଲ ୨୭/୧୨(ପିଏନ)- ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ତରଫରୁ ପ୍ରତିବର୍ଷଭଳି ଏବର୍ଷ ବଡ଼ଚଣା ଓ ଧର୍ମଶାଳା ଅଞ୍ଚଳରେ ଥିବା ଅସହାୟ ବୃଦ୍ଧ ଓ ବୃଦ୍ଧା, ଦିବ୍ୟାଙ୍ଗ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଭୂଷଣ୍ଡପୁର ପଞ୍ଚାୟତର ରାଣୀବନ୍ଧ, ଖଣ୍ଡିଆବନ୍ଧ, ମହାଖଳା, ଭୁଷଣ୍ଡପୁର, ଦର୍ପଣ, କୋଲସାହୀ, ପାଟଣା, କଳାଶ୍ରୀ ଗୋପାଳପୁର, କବାଟବନ୍ଧ, ରାଇଛନ୍ଦା, ସିଦ୍ଧପାଳ, ଆଦି ଗ୍ରାମ ଗୁଡ଼ିକରେ ଅନୁଷ୍ଠାନ ତରଫରୁ ଶୀତବସ୍ତ୍ର କମ୍ବଳ, ଲୁଗା ଓ ଅର୍ଥରାଶି ଆଦି ବଣ୍ଟନ କରାଯାଇଛି । ଅନୁଷ୍ଠାନର ଉପଦେଷ୍ଟା କାହ୍ନୁଚରଣ ସାହୁ, ଚନ୍ଦନ କୁମାର ନାୟକ, ଅରକ୍ଷିତ ସାମଲ, ଅନନ୍ତ ପ୍ରସାଦ ମାହାଲା, ଗୁରୁଚରଣ ବାରିକ, ଉପସଭାପତି ପ୍ରକାଶ କୁମାର ନାୟକ, ଉଲାସ କୁମାର ସାହୁ, ପଣ୍ଡତ ସନ୍ତୋଷ ପାଢୀ, ଦୁର୍ଯ୍ୟୋଧନ ବେହେରା, ସଂପାଦକ ଅନୀଲ କୁମାର ଦାସ ପ୍ରମୂଖ ଗାଁ ଗାଁ ବୁଲି ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପବିତ୍ର ବଡ଼ଦିନ ଠାରୁ ଆରମ୍ଭ ହୋଇ ଜାନୁୟାରୀ ୨୩ ନେତାଜୀ ଜୟନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

## ରାଜ୍ୟସ୍ୱ ମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

# ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ସେବା ପହଁଚାଇବା ପାଇଁ ନିର୍ଦ୍ଦେଶ ଦେଲେ

କେନ୍ଦୁଝର,(ପିଏନ): ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସରକାରୀ ଅଧିକାରୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ । ସରକାରୀ ଅଧିକାରୀମାନେ ଠିକ୍ ଭାବେ କାର୍ଯ୍ୟ କଲେ ସରକାରୀ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ଗରିବ ସାଧାରଣ ଲୋକଟିଏ କିଭଳି ଉପଯୁକ୍ତ ସେବା ଓ ନ୍ୟାୟ ପାଇପାରିବ ସେଥିପାଇଁ ସମସ୍ତ ଅଧିକାରୀ ତୃଣମୂଳ ସ୍ତରରୁ ପଦକ୍ଷେପ ନେବା ଜରୁରୀ । ରାଜ୍ୟସ୍ୱ ବିଭାଗର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ତହସିଲଦାର, ଆର୍.ଆଇ, ଅମୀନଙ୍କ କାର୍ଯ୍ୟ ଶୈଳୀକୁ ସକ୍ରିୟ କରିବା ସହ ସମସ୍ତଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କଲେ ସାଧାରଣ ଲୋକମାନେ ଉପଯୁକ୍ତ ନ୍ୟାୟ ଏବଂ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ବୋଲି ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ରାଜ୍ୟସ୍ୱ ବିଭାଗର ସମୀକ୍ଷା କରିବା ଅବସରରେ ମତବ୍ୟକ୍ତ କରିଛନ୍ତି । ପ୍ରଶାସନ ବ୍ୟବସ୍ଥାକୁ ଅଧିକ ଚଳଚଂଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ "୫-ଟି", "ମୋ ସରକାର", ଭଳି ମହତ୍ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ରାଜ୍ୟସ୍ୱ ମନ୍ତ୍ରୀ ଶ୍ରୀ ମାରାଣ୍ଡି ମତବ୍ୟକ୍ତ କରିବା ସହ ସାଧାରଣ ଲୋକମାନେ ଏହି ଯୋଜନା ଦ୍ୱାରା କିପରି ଭାବେ ସୁଫଳ ପାଇ ପାରିବେ ସେଥିନିମନ୍ତେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ରାଜ୍ୟସ୍ୱ ବିଭାଗ ସମୀକ୍ଷା ବୈଠକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ରାଜ୍ୟସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା "ଆମ ତହସିଲ ଆମ ଗାଁରେ", "ବସୁନ୍ଧରା", "ଜାଗା ମିଶନ୍", "ଜଙ୍ଗଲ ଅଧିକାର ଆଇନ", ଭଳି କାର୍ଯ୍ୟକ୍ରମ ଏବଂ ଏଥିରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାବାଦ୍ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ଜାଗା ଓ ପଟ୍ଟା ଯୋଗାଇ ଦିଆଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ କହିଥିଲେ । ଏହାସହ ଜିଲ୍ଲାର ବିଭିନ୍ନ ସହରାଂଚଳରେ ସରକାରୀ ଜମିକୁ ଅସାଧୁ ବ୍ୟକ୍ତିମାନେ ଜବରଦଖଲ କରି ରଖିଥିବା ସଂକ୍ରାନ୍ତରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ତହସିଲ ଅଂଚଳରେ କେତେ ସରକାରୀ ଜମି ଅସାଧୁ ବ୍ୟକ୍ତିଙ୍କ ଜବରଦଖଲରେ ରହିଛି ସେ ସଂକ୍ରାନ୍ତରେ ସର୍ଭେ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟସ୍ୱ ମନ୍ତ୍ରୀ ଶ୍ରୀ ମାରାଣ୍ଡି ସମସ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ନୂତନ ଭାବେ ନିର୍ମିତ ହେଉଥିବା ଜାତୀୟ ରାଜପଥ ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନେ ସଠିକ୍ କ୍ଷତିପୂରଣ ପାଉଛନ୍ତି କି ନାହିଁ ସେ ସଂକ୍ରାନ୍ତରେ ରାଜ୍ୟସ୍ୱ ମନ୍ତ୍ରୀ ପଚାରି ବୁଝିଥିଲେ । ଏହାସହ କେନ୍ଦୁଝର ଜିଲ୍ଲାର ବହୁ ଉପାନ୍ତ ଅଂଚଳରେ ଯଥା, ପାହାଡ଼, ଜଙ୍ଗଲ ଅଂଚଳରେ ଜନଜାତିମାନେ ରହୁଛନ୍ତି । ସେମାନେ ଯେପରି ସମସ୍ତ ସରକାରୀ ସୁବିଧାରୁ ବଂଚିତ ନହେବେ ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲି, ପଥର ଭଳି ପ୍ରାକୃତିକ ସମ୍ପଦ ରହିଛି । ତାହାର ସୁବିନିଯୋଗ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ମାରାଣ୍ଡି ଗୁରୁତ୍ୱାରୋପ କରିଥିଲେ । ବାଲି, ପଥର ଚୋରି ରୋକିବା ସମୟରେ ସବୁବେଳେ ଉପରିସ୍ଥ ଅଧିକାରୀ ଏବଂ ପୋଲିସ୍‌ର ସହାୟତା ନେବାକୁ ସେ ରାଜ୍ୟସ୍ୱ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାସହ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ ପଂଜିକରଣ, ଷ୍ଟାମ୍ପ ଡ୍ୟୁଟି, ଓଆର୍‌ଟିପିଏସ୍, ଓଏଲ୍‌ଆର୍, ସରକାରୀ ଜମିର ସୁରକ୍ଷା, ଗୋଷ୍ଠୀ ଅଧିକାର, ପଟ୍ଟା ବଂଟନ, ଗୋଷ୍ଠୀ ଜଙ୍ଗଲ ଅଧିକାର ସଂକ୍ରାନ୍ତରେ ବିସ୍ତୃତ ଭାବେ ରାଜ୍ୟସ୍ୱ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଲୋକସଭା ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ରଙ୍କ ସମେତ ଡେପୁଟି କଲେକ୍ଟୋର ସୋନା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର(ପିଏନ)- ଜିଲ୍ଲା ଯୋଜନା କମିଟିର ବୈଠକ ଆଜି ପୂର୍ବାହ୍ନ ୯ଘଟିକା ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ଭୋଗରାଇ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲାର ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଜିଲ୍ଲାର ବିଭିନ୍ନ ଅଂଚଳରେ ଖର୍ଚ୍ଚ ପାଇଁ ୨୪ଟି ବିଭାଗ ପକ୍ଷରୁ ପ୍ରାୟ ୨୨୪୦କୋଟି ଟଙ୍କାର ଯୋଜନା ଅଟକଳ ପ୍ରସ୍ତୁତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯିବା ସହିତ ଏ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ମାନ୍ୟବର କେନ୍ଦ୍ର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ସମ୍ପଦ, ପ୍ରାଣୀଧନ ଓ ଦୁଗ୍ଧପ୍ରକ୍ରିୟାକରଣ ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡା, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସୁକାନ୍ତ କୁମାର ନାୟକ, ମାନ୍ୟବର ସୋର ବିଧାୟକ ଶ୍ରୀଯୁକ୍ତ ପର୍ଶୁରାମ ଧଡା, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିବେଦିତା ମହାନ୍ତି, ଜିଲ୍ଲା ଯୋଜନା ବୋର୍ଡ ଉପାଧ୍ୟକ୍ଷା ଶ୍ରୀମତୀ ସୁବାସିନୀ ବିଶ୍ୱାଳ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାମଚନ୍ଦ୍ର ଜେନା, ଭଦ୍ରକର ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଅଶ୍ୱିନୀ ମହାପାତ୍ରଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟ-ସଦସ୍ୟା, ବିଭିନ୍ନ ବ୍ଲକର ବି.ଡି.ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇ ବିଭିନ୍ନ କ୍ଷେତ୍ର ଲାଗି ପ୍ରସ୍ତୁତ ହୋଇଥିବା ଯୋଜନାର ଅଟକଳ ଏବଂ ବିଗତ ବର୍ଷମାନଙ୍କରେ ଖର୍ଚ୍ଚ ହୋଇଥିବା ଅନୁଦାନ ସମ୍ପର୍କରେ ଆଲୋଚନା କରିଥିଲେ । ନିଜ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ମାନ୍ୟବର ବିଧାୟକମାନେ ବୈଠକରେ ପ୍ରସ୍ତାବ ରଖିଥିଲେ । ବିଶେଷ କରି କୃଷି କ୍ଷେତ୍ରରେ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ଚାଷୀ ମାନଙ୍କ ନିକଟରେ ପହଂଚାଇବା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା, ସମବାୟ, ପଶୁପାଳନ, ମତ୍ସ୍ୟ ଚାଷ, ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ଧାର୍ଯ୍ୟ ସମୟରେ ପ୍ରୋତ୍ସାହନ ରାଶି ପ୍ରଦାନ, ସାଂସଦ ଏବଂ ବିଧାୟକ ପାଣ୍ଠିର ସୁବିନିଯୋଗ, ଜିଲ୍ଲାରେ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତକରଣ ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଂଚାଇବା, ହସ୍ତତନ୍ତ ଏବଂ କ୍ଷୁଦ୍ର ଶିଳ୍ପର ବିକାଶ, ପାନୀୟ ଜଳ ଯୋଗାଣ, ସମାଜ ମଙ୍ଗଳ ବିଭାଗ ଦ୍ୱାରା ଯୋଜନା କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନିଆଯିବା ସହିତ ବିଭିନ୍ନ ପ୍ରତିବନ୍ଧକକୁ କିଭଳି ଦୂର କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ, ସହର ବିକାଶ, ପରିମଳ, ମହିଳା ଏବଂ ଶିଶୁ ବିକାଶ, ସଂସ୍କୃତି, ଜଙ୍ଗଲ ସୁରକ୍ଷା ପ୍ରଭୃତି ବିଭାଗର ପ୍ରସ୍ତୁତ ଯୋଜନା ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ । ଗୃହର ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ଜିଲ୍ଲାରେ କରାଯିବାକୁ ଥିବା ପ୍ରକଳ୍ପ ତଥା କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାମଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

କେନ୍ଦୁଝର,(ପିଏନ): ଓର୍‌ମାସ୍, କେନ୍ଦୁଝର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତା୨୬/୧୨/୨୦୧୯ରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ମେଳାରେ ମୋଟ ୧କୋଟି ୧୭ଲକ୍ଷଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି । ରାଜ୍ୟ ବାହାରୁ ୪୨ଟି ଷ୍ଟଲ୍ ଓ ୨୩ଟି ଜିଲ୍ଲାରୁ ଷ୍ଟଲ୍ ମେଳାରେ ସାମିଲ୍ ହୋଇଥିଲେ । ମେଳାରେ ପ୍ରତ୍ୟେକ ଦିନ ୫ରୁ ୧୦ ହଜାର ଲୋକଙ୍କ ସମାଗମ ହେଉଥିଲା । ଗତ ୨୫ ଓ ୨୬ ତାରିଖ ଦିନ ଦୁଇ ଦିନ ଧରି ପଲ୍ଲିଶ୍ରୀ ମେଳା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ହୋଇଥିଲା । ମେଳାରେ ପ୍ରତିକୂଳ ପାଗ ସତ୍ୱେ ଶେଷ ଦିନରେ ମେଳାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା ।

